# ନଡ଼ିଆ କତା ହସ୍ତଶିଳ୍ପ କ୍ଲଷ୍ଟର ଘୋଷଣାରେ ସୀମିତ

କେନ୍ଦ୍ରାପଡ଼ା ଅଫିସ,୧୦।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଥର ସରକାର ଗଠନ ସମୟରେ ଓଡ଼ିଶାର ଏମ୍ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପଦ ମିଳିଥିଲା । ଏହି ସମୟରେ ସ୍କିମ୍ ଫର ରିଜେନେରେଶନ ଅଫ୍ ଟ୍ରାଡିଶିନାଲ ଇଣ୍ଡଷ୍ଟ୍ରିଜ (ସ୍ଫୁର୍ତ୍ତି) ମାଧ୍ୟମରେ ରାଜ୍ୟର ୧୫ ନଡ଼ିଆ କତା ହସ୍ତଶିଳ୍ପ ଖୋଲିବାକୁ ଘୋଷଣା କରିଥିଲେ। ଏଥିସହ ୨୦୧୯ ଅଗଷ୍ଟ ୨୫ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କୋଣାର୍କ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ କ୍ଲଷ୍ଟରର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତିଛି । କ୍ଲଷ୍ଟର ପାଇଁ ୧୦ କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟର ୨.୫ କୋଟି ଟଙ୍କା ଅନୁଦାନ ଅଦ୍ୟାବଧି ଆସିନାହିଁ। ଘୋଷଣାରେ ସୀମିତ ରହିଛି ଏହ କ୍ଲଷ୍ଟର। ଫଳରେ ଉଚ୍ଚ ଆଶା ରଖିଥିବା ଜିଲାର ୫ଶହରୁ ଊର୍ଦ୍ଧ୍ୱ କାରିଗର ନିରାଶ ହୋଇଛନ୍ତି।

ପରିବେଶ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ହେଲେ ତାହା କେବଳ ପ୍ରଚାର ପ୍ରସାରରେ ସୀମିତ ରହିଛି । ବାସ୍ତବରେ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ବୁଦ୍ଧିଜୀବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉମାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ବନସ୍ମିତା ସାମଲ କହିଛନ୍ତି, ଜିଲାର ପାରିପଙ୍ଗରା, ନନତାର, ଆକୁଳିପଡ଼ା,



ମହିଳାମାନେ କତାରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି ।

ପିମ୍ପୁଡି, ଆଇତିପଡା, ପଲ୍ଲୀସାହାଡା, ଶାସନ, ତରାସ, ସିଆଳିଆ ଆଦି ଗ୍ରାମରେ ୫ଶହରୁ ଊର୍ଦ୍ଧ୍ୱ ନଡିଆ କତା ହସ୍ତଶିଳ୍ପୀ ଅଛନ୍ତି। ସାମଗ୍ରୀ ନିର୍ମାଣ ସମୟରେ ନଡିଆ କତା, ରଙ୍ଗ ଆଦି ସହଜରେ ମିଳୁ ନ ଥିବା ବେଳେ ବିକ୍ରି ପାଇଁ ବାରଦୁଆର ହେବାକୁ ପଡୁଛି । ଏହି ଶିଳ୍ପ ପାଇଁ ସହଜରେ ଋଣ ମିଳୁ ନ ଥିବାରୁ ହାତଉଧାରି କରି ବିଭିନ୍ନ ସାମଗ୍ରୀ ତିଆରି କରାଯାଉଛି । ବର୍ଷକରେ ଥରେ ଦୁଇଥର ପଲ୍ଲିଶ୍ରୀ ମେଳା ହେଉଛି । ତେବେ କରୋନା କଟକଣା ପାଇଁ ତାହା ବି ବନ୍ଦ ରହିଛି। କେନ୍ଦ୍ର ସରକାରଙ୍କ କ୍ଲଷ୍ଟର ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଏସବୁ ସମସ୍ୟାର ସମାଧାନ ହୋଇଥାନ୍ତା। ତେବେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ କ୍ଲଷ୍ଟର ନିର୍ମାଣ ଘୋଷଣା ଆମ ଜିଲା ପାଇଁ ଉପହାସ ପରି ଲାଗୁଛି । ବାୟାବାବା ମହିଳା କତା ସମବାୟ ସମିତି ସମ୍ପାଦିକା ଶ୍ରୀମତୀ ନାୟକ କହିଛନ୍ତି, ନଡ଼ିଆ କତାରେ ନିର୍ମିତ ସାମଗ୍ରୀ ପରିବେଶ ଅନୁକୂଳ । ଏହା ପ୍ଲାଷ୍ଟିକର ଚାହିଦା କମାଇବା ସହ ସମୟକ୍ରମେ ନଷ୍ଟ ହେବାରେ ଅସୁବିଧା ନାହିଁ । ସମିତି ସଦସ୍ୟାମାନେ ମ୍ୟାଟ, କାର୍ପେଟ, କାନ୍ଥ ଝୁଲା, ଟୋପି, ବାସ୍କେଟ, ହାତପଙ୍ଖା, ଫୁଲଦାନି ଆଦି ସାମଗ୍ରୀ ସୁନ୍ଦର ଭାବେ ପ୍ରସ୍ତୁତ କରୁଛନ୍ତି । ତେବେ ଏସବୁ ବିକ୍ରି ପାଇ କୌଣସି ପ୍ରୋତ୍ସାହନ ନାହିଁ । ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ରାଜନେତାମାନେ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇ ଠକିବାର ବହୁ ନଜିର ଅଛି । ବରୁଣେଇ ବନ୍ଦର, ଥର୍ମାଲ ପ୍ଲାଣ୍ଟ, ଶିଳ୍ପ, କେନ୍ଦ୍ରାପଡା ସହରକୁ ଗୁଡଗାଁଓ ପରି ଗଢ଼ି ତୋଳିବା, ଆଖଡ଼ାଶାଳୀ ବନ୍ଦରଠାରୁ ଆରମ୍ଭ କରି ଜଳ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା, ଗମନାଗମନ, ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ଆଦି ବହୁ ପ୍ରତିଶ୍ରୁତି ଜିଲାବାସୀଙ୍କୁ ମିଳିଛି । ତେବେ ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ ହେବା କେହି କେବେ ଦେଖିନାହାନ୍ତି । କର୍ମନିଯୁକ୍ତି ଏହି ଜିଲାରେ ଏକ ବଡ଼ ସମସ୍ୟା ହୋଇଥିବା ବେଳେ ନିରାକରଣ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଯାଉଛନ୍ତି। ନଡ଼ିଆ କତା ହସ୍ତଶିଳ୍ପ କ୍ଲଷ୍ଟର ହୋଇଥିଲେ ଜିଲାର ବହୁ ମହିଳା କାରିଗର ଆତ୍ମନିର୍ଭର ହୋଇପାରିଥାନ୍ତେ । ଦକ୍ଷତା ତାଲିମ ସହ ଶିଳ୍ପ ପାଇଁ ଭିତ୍ତିଭୂମି ମିଳିଥାନ୍ତା । ଏବେ କାଇଁଛ ଶିଳ୍ପ ସାମଗ୍ରୀ ଅନ୍‌ଲାଇନରେ ଉପଲବ୍ଧ ହେଉଛି । ସେହିପରି ନଡିଆ କତା ଶିଳ୍ପର ପୁନର୍ଜନ୍ମ ହୋଇଥାଆନ୍ତା। ତେବେ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରା କହିଛନ୍ତି, ଏନେଇ କୌଣସି ଅନୁଦାନ ଜିଲାକୁ ଆସିନାହିଁ । କ୍ଲଷ୍ଟର ଯୋଜନାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।

**୩ ବର୍ଷ ବିତିଲା, ମିଳିନି ଅନୁଦାନ**

- କେନ୍ଦ୍ରାପଡ଼ା ଜିଲାରେ ଅଛନ୍ତି ୫ଶହରୁ ଊର୍ଦ୍ଧ୍ୱ କାରିଗର
- ପରିବେଶ ପାଇଁ ଅନୁକୂଳ ନଡ଼ିଆ କତା ସାମଗ୍ରୀ

## ସଂକ୍ଷେପରେ

### ଡମ୍ପରକୁ ଧକ୍କା ଦେଲା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ୧୮ ଗୋରୁ ଉଦ୍ଧାର

ଜଳେଶ୍ୱର, ୧୦।୯(ଡି.ଏନ୍.ଏ.): ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ନଂ. ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗକୁ ବିଭିନ୍ନ ଯାନରେ ବ୍ୟାପକ ଗୋଚାଲାଣ ହେଉଛି। ଶନିବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ପୋଲିସ୍ ନାକା ପଏଣ୍ଟଠାରେ ବାଲି ବୋଝେଇ ଡମ୍ପରକୁ ପଛପଟୁ ଧକ୍କା ଦେଇଛି। ପିକ୍‌ଅପ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ୧୮ଗୋରୁକୁ ଉଦ୍ଧାର କରିଛି ।

ସୁବର୍ଣ୍ଣରେଖା ନଦୀପୋଲଠାରେ ଥିବା ପୋଲିସ ନାକାପଏଣ୍ଟ ନିକଟରେ ବାଲି ଡମ୍ପର(ନଂ.ଓଆର୍୧୬ସି-୫୨୧୩)କୁ ଯାଞ୍ଚ କରାଯାଉଥିବା ବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଗୋରୁ ବୋଝେଇ ପିକ୍‌ଅପ୍ (ନଂ. ଓଡି୦୪ଡି୪୦୧୯) ଧକ୍କା ଦେଇଥିଲା । ପୋଲିସ ଓ ଡମ୍ପର ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ପିକ୍‌ଅପ ଡ୍ରାଇଭରଙ୍କୁ ଧରିବା ପୂର୍ବରୁ ସେ ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ପିକ୍‌ଅପରେ ଚାଲାଣ ହେଉଥିବା ୧୮ଟି ଗୋରୁକୁ ଉଦ୍ଧାର କରି ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇଛି ।

### ସଡ଼କ ଦୁର୍ଘଟଣାରେ ବିଜେଡି କର୍ମୀଙ୍କ ମୃତ୍ୟୁ

ଚାନ୍ଦବାଲି,୧୦।୯(ଡି.ଏନ.ଏ.): ଭଦ୍ରକ ଜିଲା ଧାମରା ଜୋନ୍ କରଞ୍ଜମାଳ ପଞ୍ଚାୟତର ବିଜେଡି କର୍ମୀ ତଥା ଚାନ୍ଦବାଲି ବ୍ଲକର ପୂର୍ବତନ ଉପାଧକ୍ଷ ଜୟନ୍ତ ବେହୁରା(୫୨)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଧାମରା ନରସିଂହପୁର ଗ୍ରାମର ଏକ ଏକାଦଶାହ କାର୍ଯ୍ୟରେ ଯୋଗଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଜାଗୁଲା ପଞ୍ଚାୟତ ଅଫିସ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ରାସ୍ତା ତଳକୁ ଓଲଟି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧାମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧାମରା ମେରାଇନ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୩୭/୨୨) ରୁଜୁ କରାଯାଇଛି।

### ବୈତରଣୀରେ ମହିଳା ନିଖୋଜ

ଭଣ୍ଡାରିପୋଖରୀ, ୧୦।୯ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁରଠାରେ ଫୁଲ ଧଳ ନାମ୍ନୀ ମହିଳା ଶନିବାର ବୈତରଣୀ ନଦୀରେ ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଫୁଲ ସକାଳେ ସ୍ଥାନୀୟ ବୈତରଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ନଦୀର ଆଖୁଆ ସାହି ତୁଠରେ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ। ଗାଧୁଆ ତୁଠରେ ତାଙ୍କ ପିନ୍ଧା ଶାଢ଼ୀ ଓ ଚୁଡ଼ି ଦେଖିବାକୁ ପାଇଥିଲେ। ସେ ନଦୀରେ ଭାସି ଯାଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ ଫୁଲଙ୍କୁ ପାଇପାରି ନାହାନ୍ତି।

### ଟ୍ରକ୍‌କୁ ପିଟିଲା ଡମ୍ପର, ଡ୍ରାଇଭର ଗୁରୁତର

ରୂପସା, ୧୦।୯(ଡି.ଏନ.ଏ.)

ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଜୁଣବଳଦା ନିକଟରେ ଶନିବାର ସଡ଼କ ଦୁର୍ଘଟଣା ଘଟିଛି। ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଡମ୍ପର ଜୁଣବଳଦା ନିକଟରେ ଛିଡ଼ା ହୋଇଥିବା ଏକ ପାନପତ୍ର ବୋଝେଇ ଟ୍ରକର ପଛପଟୁ ଧକ୍କା ଦେଇଥିଲା। ଫଳରେ ଡମ୍ପର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଆହତ ଡ୍ରାଇଭରଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୀର୍ଘ ସମୟ ଧରି ରାଜପଥରେ ଯାତାୟାତ ବନ୍ଦ ରହିଥିଲା। ବସ୍ତା ଥାନା, ଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସ ଓ ଜାତୀୟ ରାଜପଥ ପାଟ୍ରୋଲିଂ କର୍ମଚାରୀ ପହଞ୍ଚି ପରିସ୍ଥିତି ସ୍ୱାଭାବିକ କରାଇଥିଲେ। ରାଜପଥ ରିକଭରି ଭ୍ୟାନ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଡମ୍ପର, ଟ୍ରକ୍‌କୁ ଥାନାକୁ ନେଇଥିବା ଜଣାଯାଇଛି।

### ଅବକାରୀ ଚଢ଼ାଉ, ୬ ଗିରଫ

ଖୁଣ୍ଟା, ୧୦।୯ (ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ୬ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ମୋଟ ୭୪ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଅବକାରୀ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଏଏସଆଇ ବିଜୟ କୁମାର ମହାନ୍ତ, କନଷ୍ଟେବଳ ତପନ ପରିଡ଼ା, ସମୟ ହାଁସଦା, ଦୀପାଞ୍ଜଳି ଦାଶ ଚଢ଼ାଉ କରିଥିଲେ।

# ରାଜ୍ୟ ସହ ସୁସମ୍ପର୍କ ରହିଛି, ରାଜନୈତିକ ବିଚାରଧାରା ସ୍ୱତନ୍ତ୍ର



କେନ୍ଦ୍ରମନ୍ତ୍ରୀ ନିଶିଥ ପ୍ରାମାଣିକଙ୍କ ସହ ଅନ୍ୟମାନେ ।

କେନ୍ଦ୍ରାପଡ଼ା ଅଫିସ, ୧୦।୯

**କେନ୍ଦ୍ରମନ୍ତ୍ରୀ ନିଶିଥ ପ୍ରାମାଣିକଙ୍କ କେନ୍ଦ୍ରାପଡ଼ା ଗସ୍ତ**

ଭାରତୀୟ ଜନତା ପାର୍ଟିର ଲୋକସଭା ପ୍ରଭାସ ଯୋଜନାର ସମୀକ୍ଷା ପାଇଁ କେନ୍ଦ୍ର ଗୃହ, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ନିଶିଥ ପ୍ରାମାଣିକ କେନ୍ଦ୍ରାପଡ଼ା ଜିଲାକୁ ୩ ଦିନିଆ ଗସ୍ତରେ ଆସି ଶନିବାର ପହଞ୍ଚିଛନ୍ତି । ଏହି ଅବସରରେ କେନ୍ଦ୍ର ସରକାରଙ୍କ ଯୋଜନାର ତୃଣମୂଳସ୍ତରର ପ୍ରଭାବ ସମ୍ପର୍କରେ ସମୀକ୍ଷା ସହ ରାଜ୍ୟ ସରକାରଙ୍କ ସହ ସୁସମ୍ପର୍କ ରହିବ ବୋଲି କହିଛନ୍ତି । ଭାଜପାର ରାଜନୈତିକ ବିଚାରଧାରା ସ୍ୱତନ୍ତ୍ର ହୋଇଥିବାରୁ ନିର୍ବାଚନ ରଣନୀତି ଅଲଗା ହେବ ବୋଲି ସେ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ସହରର ତିନିମୁହାଣୀଛକରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ପ୍ରାମାଣିକଙ୍କୁ ଜିଲା ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନା, ସୁନାକର ବେହେରା, ବିଷ୍ଣୁ ଦାସ, ନଗର ସଭାପତି ଦିଲ୍ଲୀପ ଦାଶ, ନେହେରୁ ସାହୁଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗ ଦେଇଥିଲେ । ପରେ ଗରାପୁରର ଏକ କଲ୍ୟାଣ ମଣ୍ଡପଠାରେ ଜିଲା କର୍ମକର୍ତ୍ତାଙ୍କ ସହିତ ସଙ୍ଗଠନ ସୁଦୃଢ଼ୀକରଣ ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ମନ୍ତ୍ରୀ ପ୍ରାମାଣିକ ପ୍ରବାସ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ, କେନ୍ଦ୍ର ସରକାରଙ୍କ ବହୁ ସଫଳ ଯୋଜନା ତୃଣମୂଳସ୍ତରରେ ପହଞ୍ଚିଛି । ତେବେ ଏହାର ଉପଲବ୍ଧି ସମ୍ପର୍କରେ ହିତାଧିକାରୀଙ୍କ ସହିତ ଆଲୋଚନା କରିବେ। କେନ୍ଦ୍ର ସରକାରଙ୍କ ବହୁ ଯୋଜନାରେ ରାଜ୍ୟ ସରକାରଙ୍କ ଷ୍ଟ୍ୟାଗ ଓ ଓଡ଼ିଶାରେ ଭାଜପା ବିଜେଡି ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପ୍ରାମାଣିକ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ସମସ୍ତ ରାଜ୍ୟ ସହିତ ସୁସମ୍ପର୍କ ଚାହାନ୍ତି । ତେବେ ନିର୍ବାଚନୀ ରାଜନୀତିରେ ଭାଜପା ଓ ବିଜେଡିର ବିଚାରଧାର ସ୍ୱତନ୍ତ୍ର ରହିବ । ଏହି ସମ୍ମିଳନୀକୁ ଜିଲା ପ୍ରଭାରୀ ଯତିନ ମହାନ୍ତି ପରିଚାଳନା କରିଥିଲେ ।

### ହୋଟେଲରୁ ନାବାଳକ ଉଦ୍ଧାର

ଖଇରା,୧୦।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୁଡିଗଡିଆର ଏକ ହୋଟେଲରୁ ଖଇରା ଚାଇଲ୍ଡଲାଇନ ସଦସ୍ୟମାନେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରିଛନ୍ତି । ସାହୁ ହୋଟେଲର ଉକ୍ତ ନାବାଳକ କାର୍ଯ୍ୟ କରୁଥିବା ସୂଚନା ମିଳିବା ପରେ ଚାଇଲ୍ଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସଭ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର ପ୍ରମୁଖ ପୋଲିସ ସହାୟତାରେ ଶନିବାର ଉକ୍ତ ହୋଟେଲକୁ ଯାଇ ନାବାଳକଙ୍କୁ ଉଦ୍ଧାର କରିଥିଲେ ।

### ମିନି ନିଯୁକ୍ତି ମେଳାରେ ୩୪୫ ମନୋନୀତ

କେନ୍ଦ୍ରାପଡ଼ା ଅଫିସ,୧୦।୯

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲା ପ୍ରଶାସନ ସହାୟତାରେ ସହରର ଗୁଲନଗର ଉଚ୍ଚ ବିଦ୍ୟାଳୟ ପରିସରରେ ମିନି ନିଯୁକ୍ତି ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ ସଂସ୍ଥା ଯୋଗ ଦେଇ ମୋଟ ୩୪୫ ଜଣଙ୍କୁ ମନୋନୀତ କରିଛନ୍ତି । ମନୋନୀତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ ପରେ ବିଭିନ୍ନ ସ୍ଥାନରେ ନିଯୁକ୍ତି ମିଳିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଓରମାସର ଅଧିକାରୀ ନିରୋଧ କୁମାର ଜେନା, ଜିଲା ନିୟୋଜନ ଅଧିକାରୀ ଘନଶ୍ୟାମ ଝା ପ୍ରମୁଖ ଏହି ମେଳାକୁ ପରିଚାଳନା କରିଥିଲେ ।




ନିଯୁକ୍ତି ମେଳାରେ ଯୋଗଦେଇଥିବା ଅଧିକାରୀ ।

# ସାମୂହିକ ସଫେଇ ପାଇଁ ପ୍ରସ୍ତୁତି




ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ ।

ରସୁଲପୁର,୧୦।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତରେ ସାମୂହିକ ସଫେଇ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଆୟୁଷମତି ଦାସଙ୍କ ଅଧକ୍ଷତାରେ ଏହି ବୈଠକ ଆୟୋଜନ ହୋଇଥିଲା। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ମୁରବୀ, ମହିଳା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବତୀଯୁବକ ସାମିଲ ହୋଇଥିଲେ। ବାୟୁ, ମୃତ୍ତିକା, ଜଳ ପ୍ରଦୂଷଣ ଯୋଗୁ ଜୀବ ଜଗତରେ ଅଚିହ୍ନାରୋଗ ଜାତ ହେଉଛି। ଏହି ୩ଟି ଦିଗପ୍ରତି ତୃଣମୂଳସ୍ତରରୁ ଧ୍ୟାନ ଦିଆଯିବା ଜରୁରୀ ହୋଇପଡ଼ିଛି। ତା'ନହେଲେ ମାନବଜାତି ପ୍ରତି ପ୍ରଭୂତ କ୍ଷତି ପହଞ୍ଚିବ। ଏ ଦିଗରେ ମିଳିତ ଭାବେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ତେଣୁ ବିଭିନ୍ନ ସ୍ଥାନରୁ ବାହାରୁଥିବା ତରଳ ଓ କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ହୋଇ ନ ପାରିଲେ ସ୍ଥିତି ଆଗକୁ ଭୟାନକ ହେବ ବୋଲି ବୈଠକରେ ଉପସ୍ଥିତ ସମ୍ବଳ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

ମୁଖ୍ୟଅତିଥି ଭାବେ ସ୍ୱଚ୍ଛଭାରତ ପକ୍ଷରୁ ମାଷ୍ଟର ଟ୍ରେନର ସତ୍ୟବ୍ରତ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ସୌଦାମିନୀ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକ୍ରମକୁ ନେଇ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥିଲେ। ପଞ୍ଚାୟତର ବାରବାଟୀ ପରିବା ବଜାର ନିକଟରୁ ଆସନ୍ତା ୧୩ତାରିଖରୁ ସଫେଇ ଆରମ୍ଭ କରାଯିବ ବୋଲି ସ୍ଥିର କରାଯାଇଛି। ଯୁବନେତା ନିହାର ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ଉପକୂଳବାସୀଙ୍କ ସହଭାଗିତା, ସହନଶୀଳତା ବୃଦ୍ଧିର ଆବଶ୍ୟକତା ରହିଛି'

**ଦୀର୍ଘସ୍ଥାୟୀ ଉପକୂଳ ପରିଚାଳନା ସମ୍ମିଳନୀ ଉଦ୍‌ଘାଟିତ**

ଭୁବନେଶ୍ୱର, ୧୦।୯(ବ୍ୟୁରୋ)




ସଭାରେ ଯୋଗଦେଇଥିବା ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟମାନେ ।

ଭାରତର ୭୫୦୦ କି.ମି. ସୁଦୀର୍ଘ ଉପକୂଳ ଦେଶର ସାମାଜିକ, ଅର୍ଥନୈତିକ ଓ ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରୁଛି। ବିଶ୍ୱର ଏହି ସପ୍ତମ ବୃହତ୍ତମ ଉପକୂଳରେ ଦେଶର ପାଖାପାଖି ୨୦ ପ୍ରତିଶତ ଲୋକ ବସବାସ କରୁଥିବାବେଳେ ୧୭ ହଜାରରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ସମ୍ପଦ ରହିଛନ୍ତି। ଏମାନଙ୍କୁ ଅଧିକ ସହନଶୀଳ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶନିବାର ଆରମ୍ଭ ହୋଇଥିବା ଭାରତୀୟ ଦୀର୍ଘସ୍ଥାୟୀ ଉପକୂଳ ପରିଚାଳନା ସମ୍ପର୍କିତ ଦୁଇଦିନିଆ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ କହିଲେ, ଦେଶର ଉପକୂଳ କ୍ଷେତ୍ରରେ ସହନଶୀଳତା ଏବଂ ଦୀର୍ଘସ୍ଥାୟିତ୍ୱ ବଢ଼ାଇବା ପାଇଁ ବିଚାରବିମର୍ଶ କରିବା ନିମନ୍ତେ ଏଭଳି ସମ୍ମିଳନୀ ଆୟୋଜନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଲେ, ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ପାଇଁ ଉପକୂଳ ସାମୁଦ୍ରିକ ସମ୍ବଳର ସ୍ଥାୟୀ ପରିଚାଳନା ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ବିଶ୍ୱ ବ୍ୟାଙ୍କର ମିଳିତ ଉଦ୍ୟମରେ ଏକ ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଓଡ଼ିଶାରେ ପାଇଲଟ୍ ଭିତ୍ତିରେ କାର୍ଯ୍ୟକାରୀ କରାଯାଇଛି। ୨୦୧୦ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ୧୯୬ କିମି ପରିବ୍ୟାପ୍ତ ପ୍ରକଳ୍ପ ଓଡ଼ିଶାର ଦୁଇଟି ଉପକୂଳବର୍ତ୍ତୀ (ପାରାଦୀପଠାରୁ ଧାମରା ଏବଂ ଗୋପାଳପୁରଠାରୁ ଚିଲିକା) ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି। ୨୯୩.୧୫କୋଟି ଟଙ୍କା ଏହି ପ୍ରକଳ୍ପ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ପ୍ରତିରୋଧ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରଦୀପ କହିଛନ୍ତି।

ଉପକୂଳ ଓ ସାମୁଦ୍ରିକ ଜୈବବିଧତା, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିରୋଧ ଏବଂ ଉପକୂଳ ପ୍ରଦୂଷଣ ରୋକିବା ସହ ସମସ୍ୟା ସମାଧାନର ବାଟ ବାହାର କରିବା ପାଇଁ ଦେଶର ୧୩ ଉପକୂଳ ରାଜ୍ୟର ବରିଷ୍ଠ ଅଧିକାରୀ ଓ ସାମାଜିକ ଅନୁଷ୍ଠାନଗୁଡ଼ିକୁ ଏକତ୍ରିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ୟୁଏନ୍‌ଡିପି ସହାୟତାରେ ଉପକୂଳ ଅଞ୍ଚଳବାସୀଙ୍କ ସହଭାଗିତା ଓ ସହନଶୀଳତା ବଢ଼ାଇବା ଏହାର ଅନ୍ୟତମ ପ୍ରମୁଖ ଆଭିମୁଖ୍ୟ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଯୋଗଦେଇ ଏହା ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ରିଚା ଶର୍ମା ସ୍ୱାଗତ ଭାଷଣ ଓ ପିସିସିଏଫ୍ ଓଡ଼ିଶା ଦେବୀଦତ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜଳବାୟୀ ପରିବର୍ତ୍ତନ ସଂକ୍ରାନ୍ତ ବିଭିନ୍ନ ପ୍ରତିଯୋଗିତାର ୬ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ବୃହତ୍ ଶିଳ୍ପ ସମ୍ପ୍ରସାରଣ: ମାସକରେ ୨ ଜନଶୁଣାଣି ହେବ

**ପାରାଦୀପ,୧୦।୯(ସ୍ୱ.ପ୍ର.):** ପାରାଦୀପର ଦୁଇଟି ବୃହତ୍ ଶିଳ୍ପ ସମ୍ପ୍ରସାରଣ ପାଇଁ ଚଳିତ ମାସରେ ଦୁଇଥର ଜନଶୁଣାଣି ହେବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିଜ୍ଞପ୍ତିରୁ ଜଣାପଡ଼ିଛି। ଦୁଇଟିଯାକ ଜନଶୁଣାଣି ପୌରପାଳିକା ମଧୁବନ କଲ୍ୟାଣମଣ୍ଡପରେ ହେବ। ଇଫ୍‌କୋର ନାନୋ ପ୍ଲାଣ୍ଟ ପାଇଁ ସେପ୍ଟେମ୍ବର ୧୪ରେ ଏବଂ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)ସମ୍ପ୍ରସାରଣ ପାଇଁ ୩୦ ତାରିଖରେ ଜନଶୁଣାଣି ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଦର୍ଶାଯାଇଛି।

### ଯୁବକଙ୍କ ମୃତଦେହ ଜବତ

**ବାଲିକୁଦା,୧୦।୯(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣଡ଼ିହି ଗାଁର ଶମ୍ଭୁନାଥ ଦାସ (୪୪)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ମିଳିଛି। ଏହାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏନେଇ ଜଗତ୍‌ସିଂହପୁର ଟାଉନ୍ ଥାନାରେ ଅପମୃତ୍ୟୁ ମାମଲା (ନଂ.୬୯/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶମ୍ଭୁନାଥଙ୍କ ପରିବାରରେ ବହୁ ସମୟରେ ଝଗଡ଼ା ଲାଗି ରହୁଥିଲା। ସେଥିପାଇଁ ସେ ସର୍ବଦା ଚିନ୍ତାଗ୍ରସ୍ତ ରହୁଥିଲେ। ଶୁକ୍ରବାର ରାତିରେ ସ୍ତ୍ରୀ ବାହାରେ ରୋଷେଇ କରୁଥିବା ସମୟରେ ଶମ୍ଭୁନାଥ ନିଜ ପିନ୍ଧା ଗାମୁଛାକୁ ଖୋଲି ବେକରେ ଛନ୍ଦି ପଙ୍ଖାରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ସ୍ତ୍ରୀ ଏହା ଦେଖି ଚିତ୍କାର କରିଥିଲେ। ପାଟି ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଶମ୍ଭୁନାଥଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଜଗତ୍‌ସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶମ୍ଭୁନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରୁ ଖବରପାଇ ଜଗତ୍‌ସିଂହପୁର ପୋଲିସ ମୃତଦେହ ଜବତ କରିଛି।

### ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ୨ ବର୍ଷର ବାଳକ

**ବଡ଼ମ୍ବା,୧୦।୯(ସ୍ୱ.ପ୍ର.):** ଇଂଲିଶ୍ ଭାଷାକୁ ଓଡ଼ିଆରେ ଅନୁବାଦ କରିବା ସହ ବିଭିନ୍ନ ଖାଦ୍ୟ ପଦାର୍ଥ ତଥା ଜିନିଷର ନାମକୁ ଇଂଲିଶ୍‌ରେ କହି ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଜଣେ ୨ ବର୍ଷର ବାଳକ। ସେ ହେଲେ କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଖୁଣ୍ଟୁକଟା ଗ୍ରାମର ମାନସ ରଞ୍ଜନ ନାୟକଙ୍କ ପୁଅ ଆର୍ଚ୍ଚିସମାନ ନାୟକ। କିଛି ଦିନ ତଳେ ତାଙ୍କ ପାଖକୁ କୋରିଅର ମାଧ୍ୟମରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସର ସାର୍ଟିଫିକେଟ୍ ଏବଂ ପଦକ ଆସି ପହଞ୍ଚିଛି।ସେ ଇଂଲିଶ୍‌ର ଆଲ୍‌ଫାବେଟ୍ ସହ ୧୩୫ ଇଂରାଜୀ ଶବ୍ଦର ଓଡ଼ିଆ ଅନୁବାଦ, ଦେଶର ୨୮ ରାଜ୍ୟର ନାମ, ୭ କେନ୍ଦ୍ରଶାସିତ ଅଞ୍ଚଳ, ୨୪ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ୨୨ ସଙ୍ଗୀତ ବାଦ୍ୟଯନ୍ତ୍ର, ୭ ମହାଦେଶ, ୮ ଗ୍ରହ ସମେତ ବିଭିନ୍ନ ଫୁଲ, ପନିପରିବା, ପକ୍ଷୀ, ଗାଡ଼ି, ରଙ୍ଗ, ଶରୀରର ଅଙ୍ଗ, କମ୍ପ୍ୟୁଟରର ବିଭନ୍ନ ଯନ୍ତ୍ରାଂଶ ସମ୍ପର୍କରେ କହିପାରୁଛନ୍ତି।

# ସ୍କୁଲ୍‌ରେ ପାଠପଢ଼ା ଛାଡ଼ି ଅଣ୍ଡା ଆଣୁଛନ୍ତି ପିଲା

**ନାଉଗାଁ,୧୦।୯(ସ୍ୱ.ପ୍ର.)**

ବିଦ୍ୟାଳୟରେ ପିଲାମାନଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ପିଲାମାନେ କିପରି ଅଧାରୁ ପାଠ ବନ୍ଦ ନ କରନ୍ତି ସେଥିପ୍ରତି ଧ୍ୟାନ ଦିଆଯାଉଛି। ପାଠପଢ଼ା ସମୟରେ ବାଧା ନ ହେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମଧ୍ୟାହ୍ନ ଭୋଜନରେ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ମାତ୍ର କେତୋଟି ବିଦ୍ୟାଳୟରେ ପିଲାଙ୍କୁ ପାଠପଢ଼ା ସମୟରେ ଅନ୍ୟାନ୍ୟ କାମରେ ନିୟୋଜିତ କରାଯାଉଛି। ଏହାର ଏକ ଉଦାହରଣ

ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟଟି ଗଙ୍ଗଦାହାଟ ନିକଟରେ ଅବସ୍ଥିତ। ଏଠାରେ ପିଲାମାନେ ସ୍କୁଲ ସମୟରେ ପାଠ ନ ପଢ଼ି ମଧ୍ୟାହ୍ନ ଭୋଜନ ପାଇଁ ସାଇକେଲ୍‌ରେ ଅଣ୍ଡା ଆଣିବାକୁ ଯାଉଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ କରାଯାଉଥିବା ନେଇ ଅଭିଯୋଗ ହୋଇଛି।


ପିଲାମାନେ ସାଇକେଲ୍‌ରେ ଅଣ୍ଡା ନେଇ ଯାଉଛନ୍ତି।

**ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ମଧ୍ୟାହ୍ନ ଭୋଜନ ଦାୟିତ୍ୱ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ହୋଇଥିବାବେଳେ ପିଲାଙ୍କୁ କାହିଁକି ଏଥିରେ ନିୟୋଜିତ କରାଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲ ସମୟରେ ପିଲାଙ୍କୁ ବିନା କାରଣରେ ବାହାରକୁ ନ ଛାଡ଼ିବା ପାଇଁ କିଛିଦିନ ପୂର୍ବେ ଶିକ୍ଷା କମିଟିର ସଦସ୍ୟ ଓ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀ ଝୁଲଣା ଦାସଙ୍କୁ ଜଣାଇଥିଲେ ମଧ୍ୟ ଏନେଇ ପଦକ୍ଷେପ ନିଆଯାଇ ନ ଥିବା କୁହାଯାଉଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ୍ ଉଠାଇ ନ ଥିଲେ। ଏ ବିଷୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ବେହେରା କହିଛନ୍ତି, ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଓ କ୍ଲଷ୍ଟର ସିଆର୍‌ସିଙ୍କ ସହ କଥା ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ସମ୍ଭାବ୍ୟ ଲଘୁଚାପ ସମ୍ପର୍କରେ ଘନଘନ ପ୍ରଚାର


ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟବିଭାଗ ପକ୍ଷରୁ ପ୍ରଚାର କରାଯାଉଛି।

**ପାରାଦୀପ,୧୦।୯ (ସ୍ୱ.ପ୍ର.)**

ଉତ୍ତର ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ। ଏପରିକି ପବନର ବେଗ ଘଣ୍ଟା ପ୍ରତି ୪୫ରୁ ୫୫ କିମି ରହିବ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ସେଥିପାଇଁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ୪ ଦିନ ଲାଗି ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ ସୂଚନା ଦିଆଯାଇଛି। ଯେଉଁମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି ସେମାନେ ତୁରନ୍ତ କୂଳକୁ ଫେରିବା ଲାଗି ବିଭାଗ ପକ୍ଷରୁ ଘନ ଘନ ପ୍ରଚାର କରାଯାଉଛି। ପାରାଦୀପର ମାଛଧରା କେନ୍ଦ୍ର ନେହେରୁ ବଙ୍ଗଳା, ଅଠରବାଙ୍କୀ ବାଲିଫ୍ଲଟ, ବିଜୟଚନ୍ଦ୍ରପୁର ଓ ଚଉମୁହାଣିଠାରେ ଏହି ପ୍ରଚାର କରାଯାଇଛି ବୋଲି ସହକାରୀ ମତ୍ସ୍ୟ ଅଧିକାରୀ ଜଗନ୍ନାଥ ରାଓ ସୂଚନା ଦେଇଛନ୍ତି। ମତ୍ସ୍ୟ ବିଭାଗର ଏପରି ସୂଚନା ପରେ କେତେଜଣ ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀ ନିରାଶାବ୍ୟକ୍ତ କରିଛନ୍ତି। କାରଣ ଏଭଳି ଉତ୍ତରା ପବନ ଓ ତୁହାକୁ ତୁହା ବର୍ଷା ହେଲେ ଇଲିସି ମାଛ ମୁହାଣମୁହାଁ ହୋଇଥାନ୍ତି। ଏହି ସମୟରେ ସମୁଦ୍ରରେ ରହିଲେ ଅଧିକ ଇଲିସି ମାଛ ମିଳିବାର ଆଶା ଥାଏ ବୋଲି ମତ୍ସ୍ୟଜୀବୀ ବି. ଶୁଭ ରେଡ୍ଡୀ କୁହନ୍ତି।

# ତାଲିମ ନେଲେ ୪ ଜିଲାର ୧୨୦ ଛାତ୍ରୀଛାତ୍ର


ସାଗରମିତ୍ର କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରମାନେ।

**ପାରାଦୀପ,୧୦।୯ (ସ୍ୱ.ପ୍ର.)**

ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ରାଜ୍ୟର ଏକମାତ୍ର କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର ପାରାଦୀପଠାରେ ଚାଲିଥିବା ସାଗରମିତ୍ର କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ପାରାଦୀପ ନେହେରୁ ବଙ୍ଗଳା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ଏହି କେନ୍ଦ୍ରରେ ଅଗଷ୍ଟ ୨୪ରୁ ଉକ୍ତ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ୪ଟି ଜିଲା (କେନ୍ଦ୍ରାପଡ଼ା,

**ସରିଲା ସାଗରମିତ୍ର କାର୍ଯ୍ୟକ୍ରମ**

ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ)ର ୧୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୪ଟି ବ୍ୟାଚ୍‌ରେ ସେମାନଙ୍କୁ ମଧୁରଜଳ ଓ କ୍ଷାରଜଳ(ଅଧାଲୁଣି ଓ ମିଠାପାଣି ମିଶୁଥିବା ଦୋକସା)ରେ କିପରି ମାଛଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଗତ ୨ ବର୍ଷ କୋଭିଡ୍ କଟକଣା ପାଇଁ ଉକ୍ତ ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ ରହିଥିଲା। ଚଳିତବର୍ଷ ଆଶାଜନକ ଛାତ୍ରୀଛାତ୍ର ତାଲିମ ନେଇଛନ୍ତି ବୋଲି ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସେଠୀ କହିଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ମତ୍ସ୍ୟଜୀବୀ ଓ ଛାତ୍ରୀଛାତ୍ରଙ୍କୁ କିପରି ବୈଷୟିକ ବ୍ୟବସ୍ଥାରେ ମାଛଚାଷ କରାଯିବ ସେ ସମ୍ପର୍କରେ ମାଗଣା ତାଲିମ ଦିଆଯାଏ। ଏପରି କି ସେମାନଙ୍କ ଯାତାୟାତ ଖର୍ଚ୍ଚ, ରହିବା ଖାଇବା ସରକାର ବହନ କରିଥାନ୍ତି।

# ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଫଟୋ ଛାଡ଼ିଦେବାକୁ ଧମକ

**ନାଉଗାଁ,୧୦।୯ (ସ୍ୱ.ପ୍ର)**

ନାଉଗାଁ ଥାନା ଅଞ୍ଚଳରେ ଭଉଣୀଙ୍କ ନାମରେ ଫେକ୍ ଆଇଡି ଖୋଲି ଜଣେ ମହିଳା ଓ ତାଙ୍କ ଝିଅଙ୍କ ଭଲ ଫଟୋକୁ ଏଡିଟ୍ କରି ଅଶ୍ଳୀଳ କରାଯାଇ ସାମାଜିକ ଗଣମାଧ୍ୟମରେ ଛାଡ଼ିଦେବାକୁ ଧମକ ଦିଆଯାଉଛି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଭଉଣୀଙ୍କ ନାମରେ ଏକ ମେସେଞ୍ଜର ଆଇଡିରୁ ତାଙ୍କ ପାଖକୁ ମେସେଜ୍ ଆସିଥିଲା। ଏଥିରେ ପରିବାର ଲୋକଙ୍କ ଫଟୋ ମଗାଯାଇଥିଲା। ଭଉଣୀଙ୍କ ନାମରେ ମେସେଜ୍ ଆସିଥିବାରୁ ବିଶ୍ୱାସ କରି ସମ୍ପୃକ୍ତ ମହିଳା ପରିବାର ସଦସ୍ୟଙ୍କ ଫଟୋ ଉକ୍ତ ଆଇଡିରେ ପଠାଇଥିଲେ। ଏହା ପରେ ଅନ୍ୟ ଏକ ଆଇଡିରୁ ସମ୍ପୃକ୍ତ ମହିଳାଙ୍କ ଫଟୋକୁ ଏଡିଟ୍ କରି ଏକ ନଗ୍ନ ଫଟୋ ତାଙ୍କ ମେସେଞ୍ଜରକୁ ପଠାଯାଇଥିଲା। ଏହାଦେଖି ସମ୍ପୃକ୍ତ ମହିଳା ଉକ୍ତ ଆଇଡିକୁ ବ୍ଲକ କରିଦେବା ପରେ ତାଙ୍କ ମୋବାଇଲ୍‌କୁ ୩ଟି ନମ୍ବରରୁ ଏହି ଅଶ୍ଳୀଳ ଫଟୋ ପଠାଇଥିଲା। ଏପରିକି ମହିଳାଙ୍କ ନାବାଳିକା ଝିଅର ଫଟୋକୁ ଏଡିଟ୍ କରି ଭାଇରାଲ କରିବାକୁ ମଧ୍ୟ ଧମକ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ଅନିରୁଦ୍ଧ ନାୟକ କହିଛନ୍ତି।

# ଯଜ୍ଞ ଉତ୍ସବରେ ସାଧୁସନ୍ଥଙ୍କ ସମାଗମ

**ରଘୁନାଥପୁର,୧୦।୯ (ଡି.ଏନ୍.ଏ.)**

ରଘୁନାଥପୁର ଅନନ୍ତ ବାସୁଦେବ ମନ୍ଦିରରେ ସେପ୍ଟେମ୍ବର ୬ରୁ ଅନୁଷ୍ଠିତ ହୋଇଥିବା ପଞ୍ଚଦିନ ବ୍ୟାପୀ ୨୫ତମ ବାର୍ଷିକ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବାବାଜୀ ବଂଶୀଧର ମହାରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟହ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯୋଗଦେଇଥିଲେ। ଏହି ଉତ୍ସବରେ ଭୁବନେଶ୍ୱର ଜଗନ୍ନାଥ ମନ୍ଦିର ମହନ୍ତ ପୁନାନନ୍ଦ ଦାସ, ଧାନକୁଦ ପଞ୍ଚଶାଖା ଧ୍ୟାନପୀଠ ଆଚାର୍ଯ୍ୟ ପ୍ରେମସାଗର ବାବା ଅରକ୍ଷିତ ଦାସ, କରୁଣାଧାମ ଜ୍ୟୋତି ସେବାଶ୍ରମ ମହନ୍ତ ବିଷ୍ଣୁ ଗିରି ମହାରାଜ, କୁନ୍ଦୁଲି କୋରାପୁଟ ବୈଦିକ ଧର୍ମ ପ୍ରଚାରକ ସୁବ୍ରତ ଜୀ, ଗୋରେଖନାଥ ପୀଠର ଆନନ୍ଦ ବାବା, ପୁରୀ ଗୋବର୍ଦ୍ଧନ ପୀଠର ସ୍ୱାମୀ ଆଭେଦାନନ୍ଦ ସରସ୍ୱତୀ, ସାକ୍ଷୀଗୋପାଳର ଅକ୍ଷୟାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ। ଯଜ୍ଞକର୍ତ୍ତା ଭାବେ ସନାତନ ମଣ୍ଡଳ ଦାୟିତ୍ୱ ନିର୍ବାହ କରିଥିଲେ। ସୁରେନ୍ଦ୍ର ଜେନା, ଅମରନାଥ ହୋତା, ଅଭୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ନଟବର ରାଉତ, ନଳିନୀକାନ୍ତ ମହାପାତ୍ରଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।


ଯଜ୍ଞ ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥମାନେ।

# ଭାଗବତ ଜନ୍ମୋତ୍ସବ ପାଳିତ


ଗୋଠପଦାଠାରେ ଆୟୋଜିତ ଭାଗବତ ମହୋତ୍ସବ।

**ବାଲିଆ, ୧୦।୯ (ସ୍ୱ.ପ୍ର.)**

ବିରିଡ଼ି ବ୍ଲକର ବିଭିନ୍ନ ଗ୍ରାମରେ ଶନିବାର ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିରିଡ଼ି ହାଟବଜାର ଭାଗବତ ପୀଠରେ ରାଧାକୃଷ୍ଣଙ୍କୁ ପ୍ରାତଃ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ଏହାପରେ ପୂଜାର୍ଚ୍ଚନା କରାଯାଇ ଶ୍ରୀମଦ୍ ଭାଗବତ ପାଠ କରାଯାଇଥିଲା। ଅଶୋକ କୁମାର ବେହେରା ଭାଗବତ ପାଠ କରିଥିବାବେଳେ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହି ଉପଲକ୍ଷେ ରାଣିପଡ଼ା ବଢ଼େଇସାହି ଭାଗବତ ପୀଠରେ ୭ ଦିନ ଧରି ଭାଗବତ ପାଠ କରାଯାଇଥିଲା। ସେହିପରି ହଳଦିଆପଡ଼ା (ଗୋଇପଡ଼ା) ଭାଗବତ ପୀଠ ଓ ସାହାବାଜ ଭାଗବତ ପୀଠରେ ୭ ଦିନ ବ୍ୟାପୀ ଭାଗବତ ସପ୍ତାହ, ନାମ ଭଜନ କରାଯାଇଥିବାବେଳେ ଶନିବାର ଜନ୍ମୋତ୍ସବ ପାଳନ କରାଯାଇଥିଲା। ଏହାଛଡ଼ା ହାଜିପୁର, ଚାନ୍ଦପୁର, କୁଳକଇଜଙ୍ଗା ଗୋଶାଣି ଦେଇପୁର (ହଳଦିଆପଡ଼ା), ମଧ୍ୟଶାସନ, ଉତ୍ତରଶାସନ, ଶଢ଼େଇଶାସନ, ବାଲିଆଗୋପୀନାଥପୁର, ବୁଢ଼ାପଡ଼ା, ତେନ୍ତୁଳିଆ, ଅରଙ୍ଗାବାଦ, ଅଢ଼ଙ୍ଗଗଡ଼, ଅଢ଼ଙ୍ଗ ମଜୁରାଇ, ଦରଡ଼ାଗ୍ରାମ, ଶଙ୍ଖପୁର, ବାରେଡିଆ, ଅରଣା, ଗୋଠପଦା, ଶିବପୁର, ବାଗଲପୁର, ପୁରଣ, ମଙ୍ଗୁଲି, ବାସନ୍ଦରା, ଉକୁନ୍ଦରା, ବାରେଡ଼ିଆ ଆଦି ଗ୍ରାମରେ ଭାଗବତ ଜନ୍ମୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି।

# ୫ ବର୍ଷ ହେଲା ୩ ମିନି ଷ୍ଟାଡିୟମ ନିର୍ମାଣ କାମ ସରୁନି

- ୨ଟିରେ କାମ ଆରମ୍ଭ ହୋଇନି
- ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ଏ ପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇନି

**ଜଗତ୍‌ସିଂହପୁର ଅଫିସ, ୧୦।୯**

ପ୍ରତି ବ୍ଲକ ଅଞ୍ଚଳରେ କ୍ରୀଡାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବା ପ୍ରଚାର ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୩-୧୪ରୁ ଓଡ଼ିଶାରେ ମିନି ଷ୍ଟାଡିୟମ ଯୋଜନା କାର୍ଯ୍ୟକାରୀ ହୋଇଛି। କିନ୍ତୁ ସରକାରଙ୍କ ଏହି ଯୋଜନା ଜଗତ୍‌ସିଂହପୁର ଜିଲାରେ ପ୍ରହସନ ପାଲଟିଛି। କାରଣ ୨୦୧୬-୧୭ରୁ ଜିଲାର ୬ଟି ବ୍ଲକ ଅଞ୍ଚଳରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ କିସ୍ତି ଅନୁଯାୟୀ ୨୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଇଛି। ଇତିମଧ୍ୟରେ ୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ୨ଟିରେ ଆଦୌ କାମ ଆରମ୍ଭ ହୋଇ ନ ଥିବାବେଳେ ୩ଟିରେ ସରୁନାହିଁ। ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ଏହି ଷ୍ଟାଡିୟମ ପାଇଁ ଏ ପର୍ଯ୍ୟନ୍ତ ଜମି ଚିହ୍ନଟ ନ ହେବା ଅସନ୍ତୋଷର କାରଣ ହୋଇଛି।

ଜିଲା କ୍ରୀଡା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲାର ୮ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ମିନି ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ, ବାଲିକୁଦା ଓ ଏରସମା ବ୍ଲକ ଅଞ୍ଚଳରେ ଏହା ନିର୍ମାଣ ପାଇଁ ୨୦୧୬-୧୭ରୁ କିସ୍ତି ଅନୁଯାୟୀ ଅନୁଦାନ ଯୋଗାଇ ଦିଆଯାଇଛି। ସରକାରୀ ନିଷ୍ପତ୍ତି ଅନୁଯାୟୀ, ମିନିଷ୍ଟାଡିୟମ ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ସେଥିମଧ୍ୟରୁ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ୨୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ। ଅବଶିଷ୍ଟ ୫ ଲକ୍ଷ ଟଙ୍କା ଏମ୍‌ପି କିମ୍ବା ଏମ୍‌ଏଲ୍‌ଏ ପାଣ୍ଠିରୁ ଖର୍ଚ୍ଚ ହେବ। ମିନି ଷ୍ଟାଡିୟମ ପାଇଁ ସର୍ବନିମ୍ନ ୫ ଏକର ଜମି ଥିବା ଆବଶ୍ୟକ। ଅନୁଦାନରେ ଖାଲ ପୂରଣ ସହ ପଡ଼ିଆ ସମାନ କରାଯାଇ ତା'ଉପରେ ଘାସ ଲଗାଯିବ। ଆବଶ୍ୟକସ୍ଥଳେ ଭଲ ମାଟି କିଣାଯାଇ ଭିତରେ ଭରାଯିବ। ଷ୍ଟାଡିୟମ ଭିତରେ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ଓ ଚାରିପଟେ ୩ ଫୁଟ ଉଚ୍ଚର ପାଚେରି ରହିବ। ପାଚେରି ହେବାର ଉଦ୍ଦେଶ୍ୟ ହେଉଛି ଦର୍ଶକମାନେ ଏହା ଉପରେ ବସି ଖେଳ ଉପଭୋଗ କରିପାରିବେ। ଏଥିସହ ଏହା ପରିସରରେ ପାନୀୟ ଜଳ ମଧ୍ୟ ବ୍ୟବସ୍ଥା ହେବା ଜରୁରୀ।

ମିନି ଷ୍ଟାଡିୟମରେ ଏକ ଫାଟକ ନିର୍ମାଣ କରାଯିବା ସମ୍ପର୍କରେ ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହି ଅନୁଯାୟୀ, ବିରିଡ଼ି ବ୍ଲକର ମଙ୍ଗୁଳି ଖେଳ ପଡିଆରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏଥିପାଇଁ ତତ୍କାଳୀନ ରାଜ୍ୟସଭା ସଦସ୍ୟ ନରେନ୍ଦ୍ର ସ୍ୱାଇଁ ୫ ଲକ୍ଷ ଟଙ୍କା ଦେଇଥିଲେ। ଏହି କାମ ଶେଷ ହୋଇଥିବା ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବରେ କିନ୍ତୁ ଅସମ୍ପୂର୍ଣ୍ଣ ଥିବା ଅଭିଯୋଗ ହୋଇଛି। ଏଥିମଧ୍ୟରେ କେବଳ ପାଚେରି କରାଯାଇଥିବା କୁହାଯାଉଛି। ସେହିପରି ରଘୁନାଥପୁର ବ୍ଲକ ପାଇଁ ଚିକିଣିଆ ଖେଳ ପଡ଼ିଆରେ ଷ୍ଟାଡିୟମ ନିର୍ମାଣ ପାଇଁ ୨୦୧୬-୧୭ରେ ୧୦ ଲକ୍ଷ ଓ ୨୦୧୮-୧୯ରେ ୧୦ ଲକ୍ଷ, ଏହିପରି ମୋଟ ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ପ୍ରଥମ କିସ୍ତି ଟଙ୍କା ବିନିଯୋଗ ହୋଇଥିବାବେଳେ ଦ୍ୱିତୀୟ କିସ୍ତିରୁ ମାତ୍ର ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଉଛି। ୨୦୧୯ରେ ବିଧାୟକଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦ରୁ ପାଚେରି କାମ ଆରମ୍ଭ ହୋଇ ସରିଥିବାବେଳେ ମାଟି କାମ ଅଧା ହୋଇରହିଛି। ଏହା ଭିତରେ ଜିଲାପାଳ ଓ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତଦନ୍ତ କରି ଯାଇଛନ୍ତି। ଏହା ସତ୍ତ୍ୱେ ଏପର୍ଯ୍ୟନ୍ତ କାମ ଶେଷ ହୋଇନାହିଁ। ଅବଶିଷ୍ଟ କାମ ଅକ୍ଟୋବର ୩୧ ପରେ ହେବ ବୋଲି ରଘୁନାଥପୁର ବ୍ଲକ ସହକାରୀ ଯନ୍ତ୍ରୀ ଅମିୟଚାନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ସେହିପରି ବାଲିକୁଦା ବ୍ଲକ ପାଇଁ ଆମ୍ବଶାଳ ଖେଳ ପଡ଼ିଆକୁ ମିନି ଷ୍ଟାଡିୟମ କରାଯାଇଛି। ଏଠାରେ କାମ ଶେଷ ହୋଇଥିବା ଦର୍ଶାଯାଇ ଉଦ୍‌ଘାଟନ ମଧ୍ୟ ସରିଛି। କିନ୍ତୁ କାମ ସନ୍ତୋଷଜନକ ହୋଇ ନ ଥିବା ଅଭିଯୋଗ ହୋଇଛି। ତିର୍ତ୍ତୋଲ ବ୍ଲକ ପାଇଁ ତେନ୍ତୁଳିପଦାସ୍ଥିତ ସାରଳା ଖେଳ ପଡ଼ିଆକୁ ମିନି ଷ୍ଟାଡିୟମ କରାଯାଉଛି। ଏ ବାବଦରେ ମୋଟ ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ପଡ଼ିଆ ଓ ପାଚେରି କାମ ଶେଷ ହୋଇନାହିଁ। ଅନୁରୂପ ଭାବେ ଏରସମା ବ୍ଲକ ସୋମପୁରଠାରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଏକକାଳୀନ ୨୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। କୁଜଙ୍ଗ ବ୍ଲକ ଅଧୀନ ରାହାମା ପଡିଆରେ ମିନି ଷ୍ଟାଡିୟମ କାମ ଶେଷ ହୋଇଥିବା ଦର୍ଶାଯାଉଛି। କିନ୍ତୁ ପଡ଼ିଆ ସମତୁଲ ସହ ଜଳ ନିଷ୍କାସନ ସୁବିଧା କରାଯାଇନାହିଁ। ଯେଉଁ କାରଣରୁ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି । ଏବେ ପଡ଼ିଆରେ ଆଣ୍ଠୁଏ ଲେଖାଏ ଘାସ ଦେଖିବାକୁ ମିଳୁଛି। ତେବେ ଏହି ପରିସରରେ ଖୋଲା ଜିମ୍ କରାଯାଇଛି। କେବଳ ରାହାମା ନୁହେଁ ଯେଉଁଠି କାମ ହୋଇଛି କୌଣସି ସ୍ଥାନରେ ଜଳ ନିଷ୍କାସନ ସୁବିଧା ନ ଥିବା ଅଭିଯୋଗ ହୋଇଛି। ଏଥିସହ ପାନୀୟ ଜଳ ସୁବିଧା ମଧ୍ୟ ନାହିଁ। ଅନାବନା ଘାସ ଓ ଗଛ ଯୋଗୁ ପଡ଼ିଆ ଭିତରେ ପ୍ରବେଶ କରିବା ସହଜ ହେଉନାହିଁ।

ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ କହିଛନ୍ତି, ଏରସମା ଓ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ କାମ ଆରମ୍ଭ ହୋଇ ନ ଥିବା ସାଙ୍ଗକୁ ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପାଇଁ ଜମି ସମସ୍ୟା ଥିବା ସ୍ୱୀକାର କରିଛନ୍ତି। ସରକାର ପ୍ରଥମେ ଖୋଲା ଜିମ୍ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏବେ ଆଉ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଆସିଛି। ତେବେ ଦୁର୍ନୀତି ଉପରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।


ରାହାମାସ୍ଥିତ ମିନି ଷ୍ଟାଡିୟମ ପଡ଼ିଆରେ ବର୍ଷା ପାଣି ଜମିରହିଛି।

## ସଂକ୍ଷେପରେ

### କମ୍ପ୍ୟୁଟର ବିଜ୍ଞାନରେ ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱର୍ଣ୍ଣ ପଦକ




**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.):** କଟକ ରେଭେନ୍ସା ବିଶ୍ୱ ବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ସ୍ନାତକୋତର ପାଠ୍ୟକ୍ରମର ପରୀକ୍ଷା ଫଳ ପ୍ରକାଶ ପାଇଛି । ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତ ଗୋଛାବାରୀ ଗ୍ରାମର ଛାତ୍ରୀ ଲକ୍ଷ୍ମୀପ୍ରିୟା ଦାସ କମ୍ପ୍ୟୁଟର ବିଜ୍ଞାନ ସ୍ନାତକୋତର ପାଠ୍ୟକ୍ରମରେ ଏ ଗ୍ରେଡ ସହ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଜଣେ ମେଧାବୀ ଛାତ୍ରୀ ଭାବେ ଜଣାଶୁଣା ଲକ୍ଷ୍ମୀପ୍ରିୟାଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଆନନ୍ଦ ପ୍ରକାଶ ପାଇଛି । କଠିନ ପରିଶ୍ରମ, ଦୃଢ ଆତ୍ମ ବିଶ୍ୱାସ, ଅଧ୍ୟାପିକା,ଅଧ୍ୟାପକଙ୍କ ପ୍ରେରଣା ଓ ପିତାମାତାଙ୍କ ଆର୍ଶୀବାଦ ଯୋଗୁ ସେ ଏହି ସଫଳତାର ପାଇଛନ୍ତି ବୋଲି କହିଛନ୍ତି । ଲକ୍ଷ୍ମୀପ୍ରିୟା ଗୋଛାବାରୀ ଗ୍ରାମର ସାମାଜିକ କର୍ମୀ ପବିତ୍ର ଦାସଙ୍କ ଜ୍ୟେଷ୍ଠ କନ୍ୟା ।

### ଗଛରେ ପିଟିହେଲା ବାଇକ୍, ଯୁବକ ମୃତ

**ଭାପୁର,୧୦।୯(ଡି.ଏନ.ଏ.):** ଫତେଗଡ଼ ଥାନା ଅନ୍ତର୍ଗତ ରାଣୀଛେଳି ପଞ୍ଚାୟତ ଶିମିଳି ଛକ ନିକଟସ୍ଥ ଗଛରେ ଏକ ବାଇକ୍ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାପୁର ବ୍ଲକ ଅଧୀନ ଭଗବାନପୁର ଗ୍ରାମର ରବିନ୍ଦ୍ର କୁମାର ମହାନ୍ତି (୨୨) । ୨ ସପ୍ତାହ ତଳେ ସେ ଏକ ବାଇକ୍(ନଂ.ଓଡି ୨୫ ଏମ ୭୭୧୪) କିଣିଥିଲେ । ଶନିବାର ସକାଳୁ ସେ ବାଇକ୍‌ରେ ନିଜ ସମ୍ପର୍କୀୟଙ୍କ ଘର ବୋଦସା ଗ୍ରାମକୁ ଯାଇଥିଲେ । ସେଠାରୁ ସେ ଗାଁ ଅଭିମୁଖେ ଫେରୁଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା । ଫତେଗଡ ଥାନା ପୋଲିସ ମୃତଦେହ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଅପରାହ୍ନରେ ଭଗବାନପୁର ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା ।

### ୩୬ ୟୁନିଟ ରକ୍ତ ସଂଗ୍ରହ

**ଭାପୁର,୧୦।୯(ଡି.ଏନ.ଏ.):**ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ପଞ୍ଚାୟତର ଜନ ମଙ୍ଗଳ କ୍ଲବ ତରଫରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ମୁଖ୍ୟଅତିଥି ସରପଞ୍ଚ ନିରୁପମା ମହାରଣା, ସମ୍ମାନୀୟ ଅତିଥି ଭାବେ ସମିତିସଭ୍ୟା ରମାମଣୀ ଦାସ ଯୋଗଦେଇଥିଲେ । ଖବରଦାତା ଜ୍ୟୋତି ରଞ୍ଜନ ମହାରଣାଙ୍କ ପୌରୋହିତ୍ୟରେ ଏହି ଶିବିର ଉଦଘାଟନ ହୋଇଥିଲା । ଉକ୍ତ ଶିବିରରେ ଲାଲକ୍ରିଷ୍ଣା ଦଳେଇ ପ୍ରଥମେ ରକ୍ତଦାନ କରିଥିଲେ । ଡକ୍ଟର ମଧୁସ୍ମିତା ଦାସ,ଅଜୟ କୁମାର ପଟ୍ଟନାୟକ , ସନ୍ତୋଷ କୁମାର ସାମନ୍ତରାୟ , ସଂଯୁକ୍ତା ମୁଦୁଲି ଓ ପଞ୍ଚୁ ଦଳେଇ, ଜନ ମଙ୍ଗଳ କ୍ଲବର ସମ୍ପାଦକ ମାନସ କୁମାର ସାହୁ , କୋଷାଧକ୍ଷ ମନୋଜ କୁମାର ମହାରଣା ପ୍ରମୁଖ ରକ୍ତଦାନ କରିଥିଲେ । ଜନ ମଙ୍ଗଳ କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

# ୫ ଆନ୍ତଃ ରାଜ୍ୟ ବାଇକ୍ ଚୋର ଜେଲ ଗଲେ

**ନୟାଗଡ଼ ଅଫିସ,୧୦।୯**

କଟକ, ବୌଦ୍ଧ, ଖୋର୍ଦ୍ଧା, ପୁରୀ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରି ନୟାଗଡ଼ ଜିଲା ପୋଲିସ ୫ ଆନ୍ତଃରାଜ୍ୟ ବାଇକ୍ ଚୋରଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ନୟାଗଡ଼ ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି । ଅଭିଯୁକ୍ତମାନେ ହେଲେ କଟକ ଜିଲା ନିଆଳି ଥାନା ଅଧୀନ ମଝିଆଖଣ୍ଡର ଅନିଲ ସାହୁ ଓରଫ ବୁଲୁ (୩୬), ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଲିପୁର ଗାଁର ନିଲୁ ପଲେଇ ଓରଫ ମିଟୁ(୨୯), ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ବାରିକୋ ବଧିପାଟଣା ଗାଁର ଦୁଷ୍ମନ୍ତ ସାହୁ(୨୪) ଓ ବେଗୁନିଆ ଥାନା ଧଳାପଥର ଗାଁର ସଞ୍ଜୀବ କୁମାର ସାହୁ ଓରଫ ଜଗା(୨୮), ବୌଦ୍ଧ ଜିଲା ହରଭଙ୍ଗା ଥାନା ଗୁଣ୍ଡୁରିସାହି ଗାଁର ରତ୍ନୁରାଜ ଦୀପ (୨୪) । ସେମାନଙ୍କଠାରୁ ୪୦ ଲକ୍ଷ ଟଙ୍କାର ୫୧ଟି ବାଇକ୍ ଜବତ କରାଯାଇଛି । ଅଭିଯୁକ୍ତମାନେ ସୁବିଧା ସୁଯୋଗ ଦେଖି ଗ୍ରାହକ ଯୋଗାଡ଼ କରୁଥିଲେ । ଚୋରି ବାଇକ୍‌ଗୁଡ଼ିକୁ କମ୍ ଦାମ୍‌ରେ ବିକ୍ରି କରୁଥିଲେ । ଏହି ଘଟଣାରେ ପୋଲିସ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିବାବେଳେ ଅନ୍ୟ ୨ଜଣ ଅଟକ ଅଛନ୍ତି ।

ଏନେଇ ଶନିବାର ନୟାଗଡ଼ ଟାଉନ ଥାନାରେ ଆୟୋଜିତ ଖବରଦାତା




ଗିରଫ ୫ ଅଭିଯୁକ୍ତ ଓ ଜବତ ବାଇକ୍ ।

**୫୧ ବାଇକ୍ ଜବତ,୨ ଅଟକ**

ସମ୍ମିଳନୀରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି କହିଛନ୍ତି, ମୁଖ୍ୟ ଅଭିଯୁକ୍ତ କଟକ ନିଆଳିର ଅନିଲ ସାହୁ ତାଙ୍କ ସହଯୋଗୀ ବୌଦ୍ଧ ଜିଲା ଗୁଣ୍ଡୁରିସାହିର ରତ୍ନୁରାଜଙ୍କ ସହ ବାଇକ୍‌ରେ ଶୁକ୍ରବାର ସନ୍ଧ୍ୟାରେ ନୟାଗଡ଼ ଆସୁଥିଲେ । ଘଡ଼ୁଆଳଠାରେ ନୟାଗଡ଼ ଟାଉନ ଥାନା ପୋଲିସ ହେଲମେଟ୍ ଧରପଗଡ଼ କରୁଥିଲା । ଉଭୟ ବାଇକ୍‌ରେ ଥିଲେ ମଧ୍ୟ ହେଲମେଟ୍ ପିନ୍ଧି ନ ଥିଲେ । ବାଇକ୍ କାଗଜାତ ମାଗିବା ବେଳେ ସେମାନେ ଦେଇ ନ ପାରି ସନ୍ଦେହଘେରକୁ ଆସିଥିଲେ । ପୋଲିସ ଉଭୟଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ପଚରାଉଚରା ବେଳେ ଅନିଲ ଓ ରତ୍ନୁରାଜ ବାଇକ୍ ଚୋର ବୋଲି ଜଣାପଡ଼ିଥିଲା । ସେମାନଙ୍କ ସୂଚନା ଅନୁସାରେ ପୋଲିସ ଅନ୍ୟ ୩ ସହଯୋଗୀଙ୍କୁ କାବୁ କରିଥିଲା ।

ପୋଲିସର ୫ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ବାଇକ୍ ସହ ଅଭିଯୁକ୍ତମାନଙ୍କୁ ଧରିଥିଲା । ଅନିଲଙ୍କ ନିଆଳି ଘର ଉପରେ ଚଢ଼ାଉ କରାଯାଇ ୧୦ ବାଇକ୍, ରତ୍ନୁରାଜଙ୍କ ଗୁଣ୍ଡୁରିସାହି ଘର ଉପରେ ଚଢ଼ାଉ କରି ୧୦ ବାଇକ୍, ଦୁଷ୍ମନ୍ତଙ୍କ ବାରିକୋ ବଧିପାଟଣା ଗାଁରୁ ୧୩ଟି, ସଞ୍ଜୀବଙ୍କ ଧଳାପଥର ଘରୁ ୬ଟି, ନିଲୁଙ୍କ ଅଲିପୁର ଗାଁରୁ ୧୦ଟି ଏବଂ ଅନିଲ ଓ ରତ୍ନୁରାଜଙ୍କଠାରୁ ୨ଟି ଏପରି ମୋଟ୍ ୫୧ ବାଇକ୍ ଜବତ ହୋଇଛି । ଅନିଲଙ୍କ ନାମରେ ନୟାଗଡ଼, ପୁରୀ, କଟକ, ଜଗତ୍‌ସିଂହପୁର, ଭୁବନେଶ୍ୱର ଆଦି ଥାନାରେ ୧୮ଟି ମାମଲା ରହିଛି । ରତ୍ନୁରାଜଙ୍କ ନାମରେ କେବଳ ନୟାଗଡ଼ ଜିଲା ବାଣୀଗୋଛା ଥାନାରେ ଗୋଟିଏ କେସ୍ ଅଛି । ସଞ୍ଜୀବ ଓ ଦୁଷ୍ମନ୍ତଙ୍କ ନାଁରେ ମାମଲା ନ ଥିବାବେଳେ ନିଲୁଙ୍କ ନାମରେ ପୁରୀ ଟାଉନ ଥାନାରେ ଗୋଟିଏ କେସ୍ ରହିଛି । ଅଭିଯୁକ୍ତମାନେ ନିକାଞ୍ଚନ ସ୍ଥାନକୁ ଟାର୍ଗେଟ୍ କରି ବାଇକ୍ ଚୋରି କରିଥାଆନ୍ତି । ଚୋରି ପରେ ସେଗୁଡ଼ିକର ନମ୍ବର ପ୍ଲେଟ୍ ସହ କିଛି ଉପକରଣ ବଦଳାନ୍ତି । ଏହାପରେ ବାଇକ୍‌ଗୁଡ଼ିକୁ ବିକ୍ରି ପାଇଁ ଅନ୍ୟ ସଦସ୍ୟମାନଙ୍କୁ କାମରେ ଲଗାନ୍ତି । ତେବେ ବାଇକ୍ ଚୋରି କରୁଥିବା ଅଭିଯୁକ୍ତମାନେ ବିକ୍ରି କରି ନ ଥାନ୍ତି ବୋଲି ଏସ୍‌ପି କହିଛନ୍ତି ।

## ହତ୍ୟା ଅଭିଯୁକ୍ତ ଜେଲ ଗଲେ

**ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା ଘଟଣା**

**ନୟାଗଡ଼ ଅଫିସ,୧୦।୯**

ଜମିବାଡି ବିବାଦକୁ ନେଇ ରତନପୁର ଗାଁରେ ଶୁକ୍ରବାର ପୂର୍ବାହ୍ନରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା । ଏହି ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ହତ୍ୟା ଅଭିଯୁକ୍ତ ସନ୍ତୋଷ ବେହେରା(୫୦)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ସନ୍ତୋଷଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ରତନପୁରର ସନ୍ତୋଷ ବେହେରା ଓ ବିଧବା ମହିଳା ରଜନୀ ସାହୁ( ୫୫)ଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଲାଗି ରହିଥିଲା । ମାମଲା କୋର୍ଟରେ ବିଚାରାଧୀନ ଥିଲା । ରଜନୀ ଭୁବନେଶ୍ୱରରେ ପୁଅ ପାଖରେ ରହୁଥିଲେ । ଭଦ୍ରଲୋକଙ୍କ ଉପସ୍ଥିତିରେ ଶନିବାର ଜମିବାଡି ବିବାଦ ସମାଧାନ ହେବାର ଥିଲା । ଏଥିପାଇଁ ରଜନୀ ଦୁଇ ଦିନ ତଳେ ଗାଁକୁ ଆସିଥିଲେ । ଶୁକ୍ରବାର ପୂର୍ବାହ୍ନରେ ରଜନୀ ଗାଁର ଜଣେ ଲୋକଙ୍କ ଘରକୁ ଯାଉଥିଲେ । ଗାଁ ଦାଣ୍ଡରେ ସନ୍ତୋଷ ରଜନୀକୁ ଅଟକାଇ ଗାଳିଗୁଲଜ କରିବା ସହିତ ଟାଙ୍ଗିଆରେ ଗୋଡ଼େଇ ଗୋଡ଼େଇ ହାଣି ହତ୍ୟା କରିଥିଲେ । ପୋଲିସ ଏକ ମାମଲା (ନଂ.୧୪୮/୨୨) ରୁଜୁ କରି ତଦନ୍ତ ଚଳାଇଥିଲା ।

# ଆଇଟିଆଇ ବୁଲି ଦେଖିଲେ ଧନ୍ଦାମୂଳକ ଛାତ୍ରୀଛାତ୍ର



ଆଇଟିଆଇରେ ଛାତ୍ରୀଛାତ୍ର ବିଭିନ୍ନ ଉପକରଣ ଦେଖୁଛନ୍ତି ।

**ଦଶପଲ୍ଲା,୧୦।୯ (ଡି.ଏନ.ଏ.)**

ଦଶପଲ୍ଲା ଖମାରସାହି ନୋଡାଲ ଉଚ୍ଚ ବିଦ୍ୟାଳୟର ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଟୋମୋଟିଭ ଓ ଇଲୋକ୍ଟ୍ରୋନିକ୍ସ ବିଭାଗର ଛାତ୍ରୀଛାତ୍ର ଶିଳ୍ପାନୁଷ୍ଠାନ ପରିଭ୍ରମଣ କରି ବିଭିନ୍ନ ଜ୍ଞାନକୌଶଳ ଉପରେ ଶିକ୍ଷାଗ୍ରହଣ କରିଛନ୍ତି । ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଓ ଧନ୍ଦାମୂଳକ ଶିକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ର ସୀମା ମୋଟର୍ସ ଓ ଆଇଟିଆଇ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ଓ ଜ୍ଞାନକୌଶଳ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା ବିଭାଗର ୨ ଶିକ୍ଷକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ । ଶିକ୍ଷାକ୍ଷେତ୍ରରେ ଏହା ସହାୟକ ହେବ ବୋଲି ଶିକ୍ଷକମାନେ କହିଛନ୍ତି ।

## ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗ, ଯୁବକ ଜେଲ ଗଲେ

**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.)**

ସ୍କୁଲରେ ପଶି ଜଣେ ଛାତ୍ରକୁ ମାଡମାରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଜେଲ ଯିବାକୁ ପଡିଛି । ଖଣ୍ଡପଡା ବ୍ଲକ ଅଧିନ କିଆଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ ଗୃହ ଭିତରେ ଏହି ଘଟଣା ଘଟିଛି । କିଆଝର ଗ୍ରାମର ଭୀମସେନ ନାୟକ ଓରଫ ସିପୁନ(୨୨) ଦଶମ ଶ୍ରେଣୀର ଛାତ୍ର କାହ୍ନୁ ଚରଣ ବିଶ୍ୱାଳକୁ ନିସ୍ଥୁକ ମାଡ ମାରିଥିଲେ । ଅଭିଯୋଗ ପରେ ପୋଲିସ ଭୀମସେନଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଥିବା ଆଇଆଇସି ରମେଶ କୁମାର ଦେବତା କହିଛନ୍ତି । ଘଟଣା ସମ୍ପର୍କରେ ବିଦ୍ୟାଳୟର ସହକାରୀ ଶିକ୍ଷକ କାହ୍ନୁ ଚରଣ ବାରିକ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଛି ।

## ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳନ ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅରୁଣ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧଦିବସ ଆସନ୍ତା ୧୨ ତାରଖରେ ଅନୁଷ୍ଠିତ ହେବ । ଏହି ଦିନକୁ ଜାଗ୍ରତ ଦିବସ ରୁପେ ପାଳନ କରାଯିବା ପାଇଁ ଖଣ୍ଡପଡ଼ାରେ ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଗୋକୁଳାନନ୍ଦ ପୀଠରେ ଭାଗବତ ଜନ୍ମ ପାଳିତ

**ଖଣ୍ଡପଡ଼ା, ୧୦।୯ (ସ୍ୱ.ପ୍ର.)**

ଭାଦ୍ରବ ପୂର୍ଣ୍ଣିମାରେ କଣ୍ଟିଲୋ ନୀଳମାଧବ ପୀଠ, ରାଧାମୋହନ ଜୀଉ ମଠ, ଖଳିସାହିସ୍ଥ ଜଗନ୍ନାଥ ମନ୍ଦିର ଓ ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠରେ ଶନିବାର ଭାଗବତ ଜନ୍ମ ମହା ସମାରୋହରେ ପାଳିତ ହୋଇଯାଇଛି । ଧର୍ମ ସଂସ୍ଥାପନା କରି ଭଗବାନ ଶ୍ରୀକୃଷ୍ଣ ସ୍ୱଧାମ ପ୍ରତ୍ୟାବର୍ତ୍ତନ କାଳରେ ତାଙ୍କ ଆଶ୍ରୟରେ ଥିବା ଧର୍ମ ଭାଗବତରେ ଶରଣ ନେଲେ । ଏଣୁ ଭାଗବତକୁ ଶ୍ରୀକୃଷ୍ଣଙ୍କ ସ୍ୱରୁପ ଭାବେ ପୂଜାର୍ଚ୍ଚନା କରାଯାଏ । ଶନିବାର ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପୀଠ ଓ ଜଗନ୍ନାଥ ମନ୍ଦିରରେ ସକାଳୁ ମଙ୍ଗଳ ଆଳତୀ କରାଯାଇଥିଲା । ସୂର୍ଯ୍ୟପୂଜା ପରେ ଭାଗବତ ପୋଥିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ସହ ଘୃତଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଗୋକୁଳାନନ୍ଦ ପୀଠରେ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଦିନ ତମାମ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଯୁବକମାନେ ଶ୍ରୀମଦ୍ ଭାଗବତ ଦ୍ୱାଦଶ ସ୍କନ୍ଧ ପଠନ କରିଥିଲେ । ଉକ୍ତ ପୀଠରେ ୩୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଦ୍ୱାରା ୧୨ ସ୍କନ୍ଧ ଭାଗବତ ପଠନ କରାଯାଇଥିଲା । ଠାକୁରଙ୍କ ମଙ୍ଗଳ ଆଳତୀ ପରେ ଷୋଡଶ ଉପଚାର ପୂଜା ପୂଜକ ବିରୁପାକ୍ଷ ମିଶ୍ର ଓ ଉଦୟନାଥ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।



ଶ୍ରୀଗୋକୁଳାନନ୍ଦ ଜୀଉ ।

# ରାଜ୍ୟସ୍ତରୀୟ ବ୍ରିଜ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୦।୯**

ନୟାଗଡ଼ ସହରର କେସି କ୍ଲବ ପରିସରରେ ରାଜ୍ୟସ୍ତରୀୟ ବ୍ରିଜ ଟୁର୍ନାମେଣ୍ଟ-୨୦୨୨ ଶନିବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ବ୍ରିଜ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଏବଂ କେସି କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କ୍ଲବର ବରିଷ୍ଠ ସଦସ୍ୟ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବ୍ରିଜ ଆସୋସିଏଶନର ସଭାପତି ସୁରେନ୍ଦ୍ରନାଥ କର,କ୍ଲବର ସଭାପତି ଭାଗିରଥି ଦାସ,ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ,ଓବିଏର ସମ୍ପାଦକ ତାପସ ରଞ୍ଜନ ବିଶ୍ୱାଳ, ଉପସଭାପତି ଅଭିରାମ ରାଉତ,ଦୟାନିଧି ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ । ଟୁର୍ନାମେଣ୍ଟରେ ଓଡ଼ିଶାର ସମସ୍ତ ଜିଲାରୁ ୬୦ରୁ ଉର୍ଦ୍ଧ୍ୱ ଦଳ ଯୋଗଦେଇଛନ୍ତି । ମ୍ୟାଚ୍ ଡାଇରେକ୍ଟର ଭୀମସେନ ପ୍ରଧାନ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟ ରବିବାର ଉଦଯାପିତ ହେବ ।

## ୨ଜଣଙ୍କୁ ଓଡ଼ିଶା ପ୍ରତିଭା ସମ୍ମାନ



କାଶୀନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଖଣ୍ଡପଡ଼ା,୧୦।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଅଞ୍ଚଳର ୨ ବ୍ୟକ୍ତିଙ୍କୁ ଓଡିଶା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ବଳିୟାରସିଂ ଓ ଖଣ୍ଡପଡ଼ା ସହରର ଶିଶୁ କବି କାଶିନାଥ ଦାସଙ୍କୁ ଅତିଥିମାନେ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଖଣ୍ଡପଡା ଅଞ୍ଚଳରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଖଣ୍ଡପଡା ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ବଳିୟାରସିଂ ଏଥିପୂର୍ବରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ସେହିପରି ଶିଶୁକବି ଦାସଙ୍କ ଦ୍ୱାରା ରଚିତ କବିତା ଗୁଡିକ ବିଭିନ୍ନ ପତ୍ର, ପତ୍ରିକାରେ ପ୍ରକାଶ ପାଇଛି ।

# ଆବର୍ଜନାରେ ପୋତି ହୋଇଛି ଡ୍ରେନ୍

- ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନର୍ଦ୍ଦମା ପାଣି
- ମଶାଙ୍କ ଉପଦ୍ରବରେ ଲୋକେ ଆତଙ୍କିତ

**ଖଣ୍ଡପଡ଼ା,୧୦।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହି ବସ୍ତି ଓ ମୁଖ୍ୟ ରାସ୍ତା କଡରେ ଥିବା ଡ୍ରେନଗୁଡିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇପଡିଛି । ଅଧିକାଂଶ ଡ୍ରେନର ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି । ଖରାଦିନେ ନାଳ ପୋତି ହୋଇପଡ଼ିବାର ସମସ୍ୟା ସେତେଟା ଅନୁଭବ କରି ହୁଏ ନାହିଁ । ବର୍ଷାଦିନେ ତାହା ବେଶି ଅନୁଭବ କରାଯାଏ । ବର୍ଷା ପାଣି ଜମି ରହିବା ଦ୍ୱାରା ମଶାଙ୍କ ପ୍ରାର୍ଦୁଭାବ ବଢ଼ିଛି । ଏଥିପାଇଁ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି । ବିଶେଷ କରି କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ରାସ୍ତା ଉପରେ ନର୍ଦ୍ଦମା ପାଣି ଚାଲିଛି । ଏ ସଂକ୍ରାନ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପଞ୍ଚାୟତ କର୍ତ୍ତୃପକ୍ଷ ଏନେଇ କୋହଳ ମନୋଭାବ ପ୍ରଦର୍ଶନ କରିବା ସହ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି । ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଡ୍ରେନ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣ ସଜବାଜ ହେଉଥିବା ସୂଚନା ମିଳିଛି । ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଶୁଳିଆ-କଣ୍ଟିଲୋ ରାସ୍ତାର ଭରତ ସାମନ୍ତରାୟ ପୋଖରୀ ସମ୍ମୁଖ ପାହାଡ଼ ପାଦ ଦେଶରେ ଲୋକେ ସ୍ଥାୟୀ ଗୃହ ନିର୍ମାଣ କରି ରହିଛନ୍ତି । ପାହାଡ଼ରୁ ନିର୍ଗତ ବର୍ଷା ପାଣି ସହ ଘରମାନଙ୍କର ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଡ୍ରେନ ନିର୍ମାଣ କରାଯାଇଥିଲା । ତେବେ ନିର୍ମାଣରେ ତ୍ରୁଟି ରହିଥିବାରୁ ଡ୍ରେନ ପାଣି ତଳ ଆଡକୁ ନ ଯାଇ ଉପରମୁହାଁ ହେବା ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଭାଗ ରାସ୍ତା ଉପରେ ଜମା ହୋଇ ସମସ୍ୟା ସୃଷ୍ଟି କରୁଛି । ଅପରପକ୍ଷେ ଉକ୍ତ ଡ୍ରେନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି । ସେହି ରାସ୍ତା ଦେଇ ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାତାୟତ କରୁଛନ୍ତି । ଲୋକମାନେ ବି ଏହି ସମସ୍ୟାକୁ ନେଇ ଦହଗଞ୍ଜ ହେଉଛନ୍ତି । ଡ୍ରେନଗୁଡିକ ଠିକ୍ ସମୟରେ ଓ ଆବଶ୍ୟକ ମୁତାବକ ସଫା ନ ହେବା ଫଳରେ ଏହି ସମସ୍ୟା ସ୍ଥାନୀୟ ଲୋକଙ୍କୁ ଚିନ୍ତାରେ ପକାଇଛି । ପଞ୍ଚାୟତ ପକ୍ଷରୁ ଆବର୍ଜନା ସଫେଇ ଦିଗରେ ସ୍ଥାୟୀ ପଦକ୍ଷେପ ଗ୍ରହଣ ଜରୁରୀ ହୋଇଛି । ଅନ୍ୟପକ୍ଷେ ସେହି ଡ୍ରେନଟି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବାରୁ ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବ ବୋଲି ଖଣ୍ଡପଡା ସହକାରୀ ଯନ୍ତ୍ରୀ ଜୟନ୍ତୀ ପଣ୍ଡା ପ୍ରକାଶ କରିଛନ୍ତି ।



ନାଳ ଆବର୍ଜନାରେ ଭର୍ତ୍ତି ।



ରାସ୍ତା ଉପରେ ପାଣି ଚାଲିଛି ।

## ସଂକ୍ଷେପରେ

### ମା’ ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ପୂଜନ

ଚଣ୍ଡିଖୋଲ,୧୦।୯(ଡି.ଏନ.ଏ.): ବଡ଼ଚଣା ବ୍ଲକ୍ ଅଞ୍ଚଳରେ ମା’ଗଜଲକ୍ଷ୍ମୀଙ୍କ ପୂଜା ବହୁ ଆଡ଼ମ୍ବରରେ ପାଳନ କରାଯାଇଥାଏ। ତେବେ ୨ ବର୍ଷ ହେଲା କରୋନା କଟକଣା ପାଇଁ ପୂଜା କାର୍ଯ୍ୟକ୍ରମ ସୀମିତ ପରିସରରେ ପାଳନ କରାଯାଇଥିଲା। ମାତ୍ର ଚଳିତ ବର୍ଷ ଧୁମ୍‌ଧାମ୍‌ରେ ପୂଜା ପାଳନ ପାଇଁ ପ୍ରବଳ ବର୍ଷା ସତ୍ତ୍ୱେ ଶନିବାର ଇନ୍ଦୁ ପୂର୍ଣ୍ଣିମା ଓ ଭାଗବତ ଜନ୍ମ ଅବସରରେ ବିଭିନ୍ନ କମିଟି ପକ୍ଷରୁ ମାଟି ପୂଜନ କରାଯାଇ ମେଢ଼ ନିର୍ମାଣ ସ୍ଥଳକୁ ଅଣାଯାଇଛି। ପରମ୍ପରା ଅନୁଯାୟୀ ଇନ୍ଦୁ ପୂର୍ଣ୍ଣିମାରେ ମାଟି ଉଠା ଆରମ୍ଭ ହୋଇଥାଏ। ମାଟି ପୂଜନ ହୋଇ ଆସିବା ପରେ ମୂର୍ତ୍ତି ନିର୍ମାଣ ହୋଇଥାଏ। କୁମାର ପୂର୍ଣ୍ଣିମାରେ ମା’ ଗଜଲକ୍ଷ୍ମୀ ପୂଜା ପାଇଥାନ୍ତି। ସେଥିପାଇଁ ଠିକ ମାସକ ପୂର୍ବରୁ ପାରମ୍ପରିକ ରୀତି ନୀତି ଅନୁଯାୟୀ ମାଟି ଉଠା ହୋଇଥାଏ। ବାଲିଚନ୍ଦ୍ରପୁର ବଜାରରେ ୧୦ରୁ ଊର୍ଦ୍ଧ୍ୱ ମେଢ଼ ନିର୍ମାଣ କରାଯିବା ଯୋଜନା ରହିଛି।

### ଟୁଇଟ୍‌ର ୨୪ଘଣ୍ଟାରେ ରାଶନ କାର୍ଡରେ ନାଁ ଯୋଡ଼ିହେଲା

ରସୁଲପୁର,୧୦।୯(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ସେକ୍ ରମଜାନ ଖାଁଙ୍କ ନାମ ୨୪ ଘଣ୍ଟା ଭିତରେ ରାଶନ କାର୍ଡରେ ଯୋଡି ହୋଇଛି। ଟୁଇଟ୍‌ର ବାଳକ ରମେୟା ରଞ୍ଜନ ସ୍ୱାଇଁଙ୍କ ଟୁଇଟ୍ ବଳରେ ସମ୍ପୃକ୍ତ ହିତାଧିକାରୀଙ୍କୁ ଏହି ସୁବିଧା ମିଳି ପାରିଛି। ଏଥିସହ ତାଙ୍କ ନାମ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ଯୋଡି ହୋଇଯିବ ବୋଲି କୁହାଯାଉଛି। ଏଭଳି ଘଟିଲେ ଉକ୍ତ ବ୍ୟକ୍ତିଙ୍କ ମାଗଣାରେ ଅସ୍ତ୍ରୋପଚାର ହୋଇପାରିବ। ପରିବାର ମୁଖ୍ୟ ରସିଦ ବିବିଙ୍କ ନାମରେ ରେଶନ କାର୍ଡ ରହିଛି। ଏହି କାର୍ଡରେ ପରିବାରର ୭ଜଣଙ୍କ ନାଁ ରହିଛି। ହେଲେ ରମଜାନଙ୍କ ନାଁ ନ ଥିଲା। ଏହି କାରଣରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା କାର୍ଡରେ ମଧ ତାଙ୍କ ନାମ ସ୍ଥାନ ପାଇ ନ ଥିଲା। । ରମଜାନ ଅସୁସ୍ଥ ହୋଇ ଯାଜପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଶରୀରରେ ଏକ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତରୀ ପରାମର୍ଶରୁ ଜଣାପଡିଥିଲା। ତେବେ ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ଏହି କାର୍ଡ ଜରିଆରେ ସେ ଅସ୍ତ୍ରୋପଚାର ଖର୍ଚ୍ଚ ଭରଣା କରିବାକୁ ଚାହୁଁଥିଲେ। ମାତ୍ର ସ୍ୱାସ୍ଥ୍ୟ କାର୍ଡରେ ତାଙ୍କ ନାମ ନଥିବାରୁ ଚିକିତ୍ସା ସୁବିଧା ମିଳିବ ନାହିଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ନଗଦ ଅର୍ଥ ଦାଖଲ କରିବା ପରେ ଚିକିତ୍ସା ଆରମ୍ଭ ହେବ ବୋଲି କୁହାଯାଇଥିଲା। ଏ ସମ୍ପର୍କରେ ରମେୟା ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲାପାଳ, ମୋ ସରକାର, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ଅଧିକାରୀ, ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆଦିକୁ ଅବଗତ କରାଇଥିଲେ। ଏଥିସହିତ ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ଉକ୍ତ ଖବର ଜାଣିବା ପରେ ତାଙ୍କ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି। ସମସ୍ୟା ସମାଧାନ କରିବାରେ ପ୍ରଶାସନ ତତ୍ପରତା ପ୍ରକାଶ କରିଥିବାରୁ ସେମାନେ ପ୍ରଶାସନ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ଟୁଇଟର ବାଳକ ରମେୟାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବନ୍ଦ ନ ହେଉ ବ୍ୟାସ ସରୋବର ଉନ୍ନୟନ କାର୍ଯ୍ୟ

ଯାଜପୁର ରୋଡ,୧୦।୯(ଡି.ଏନ.ଏ.)

ବ୍ୟାସସରୋବର ବିକାଶ କାର୍ଯ୍ୟ ଉପରେ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ)ର ରହିତାଦେଶକୁ ନେଇ ସହରର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଏନ୍‌ଜିଟିରେ ଆବେଦନକାରୀଙ୍କୁ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏହି ମର୍ମରେ ଶନିବାର ବ୍ୟାସନଗର ନୂଆମାର୍କେଟ ଚିଦାନନ୍ଦ ହଲ୍‌ଠାରେ କମିଟିର ସଭାପତି ହେମନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୁହାଯାଇଥିଲା ଯେ, ନାଗରିକ କମିଟିର ବାରମ୍ବାର ଦାବି ଫଳରେ ବ୍ୟାସସରୋବରକୁ ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ ଓ ଏହାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ହେଲେ ସେହି କାମକୁ ବିରୋଧ କରାଯାଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଛି । ଏହା ଠିକ୍ ନୁହେଁ, ପ୍ରଶାସନ ଏନ୍‌ଜିଟିରେ ଆଇନଗତ ସହାୟତା ପ୍ରଦାନ କରନ୍ତୁ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପୁଣି ଥରେ


ବ୍ୟାସସରୋବର ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି।

ଆରମ୍ଭ ହେଉ । ପ୍ରକୃତରେ ଯଦି କାହାର ଜମି ଯାଇଥାଏ ତାକୁ ଉପଯୁକ୍ତ କ୍ଷତି ପୂରଣ ଦିଆଯାଉ ବୋଲି ଉକ୍ତ ବୈଠକରେ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଜଙ୍ଗଲ ବିଭାଗ ପକ୍ଷରୁ ଜଙ୍ଗଲ ଜମି ଆଇନ ଅନୁସାରେ ପରିବର୍ତ୍ତନ କରି ଉକ୍ତ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର କରାଯାଇଛି। କେବଳ ଗ୍ରାମସଭାରେ କେତେକ ଅନିୟମିତତା ଦର୍ଶାଇ ଏନ୍‌ଜିଟିରେ ରିପୋର୍ଟ ଦାଖଲ ହେବାରୁ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଗ୍ରାମସଭାରେ

- ଜିଲା ପ୍ରଶାସନ ଆଇନଗତ ସହାୟତା ଦେଉ
- ଏନ୍‌ଜିଟିରେ ଆବେଦନକାରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ
- କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବି

ଅନିୟମିତତା ଅଭିଯୋଗ ଏକ ସଂଶୋଧନ କାର୍ଯ୍ୟ, ଏହା ବେଆଇନ ନୁହେଁ । ତେଣୁ ଏନ୍‌ଜିଟିର ଏହି ନିର୍ଦ୍ଦେଶ ପ୍ରତିବାଦରେ ଜିଲା ପ୍ରଶାସନ ଉପର କୋର୍ଟର ସହଯୋଗ ନେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଉତ୍ତୋଳନ ଉପରେ ଏନ୍‌ଜିଟି ୨୫ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପ୍ରତିବାଦରେ ଜିଲା ପ୍ରଶାସନ ତୁରନ୍ତ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ସେହିପରି ଏହି ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସସରୋବରର ବିକାଶ ଅପରିହାର୍ଯ୍ୟ ଏବଂ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବନ୍ଦ ହେବା ଉଚିତ ନୁହେଁ ବୋଲି ବୈଠକରେ ମତପ୍ରକାଶ ପାଇଛି। ଏନ୍‌ଜିଟିରେ ନିର୍ଦ୍ଦେଶରେ ୨ ଦିନ ହେଲା ବ୍ୟାସସରୋବର ଉନ୍ନୟନ କାର୍ଯ୍ୟ ବନ୍ଦ ରହିବାରୁ ପ୍ରାୟ ଶତାଧିକ ଶ୍ରମିକ ସ୍ଥାନ ଛାଡି ଚାଲି ଯାଇଛନ୍ତି। ଏହାସହ ନିୟୋଜିତ ବିଭିନ୍ନ ମେସିନଗୁଡିକୁ ସ୍ଥାନାନ୍ତର କରାଯାଇଛି। ଏବେ ବ୍ୟାସସରୋବର ଖାଁ ଖାଁ ଲାଗୁଛି। ବ୍ୟାସସରୋବର ଉପରେ ଅଞ୍ଚଳବାସୀଙ୍କ ଆଧ୍ୟାତ୍ମିକ ଚିନ୍ତାଧାରା ଜଡିତ ରହିଥିବାରୁ ଏହାର ବିକାଶ ଅପରିହାର୍ଯ୍ୟ ବୋଲି ଦାବି କରାଯାଇଛି।

ଉକ୍ତ ବୈଠକରେ କମିଟିର ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ପ୍ରଫୁଲ୍ଲ କୁମାର ନାୟକ, ସଦାଶିବ ଦାଶ, ହୃଷିକେଶ ସାହୁ, ଚନ୍ଦ୍ରମଣି ସାମଲ, ପଦ୍ମନାଭ ସ୍ୱାଇଁ, ମହେଶ କୁମାର ଧଳ, ନାରାୟଣ ପ୍ରସାଦ ପତି, ନିତ୍ୟାନନ୍ଦ ମହାଳିକ, ରଜତ କୁମାର ରାଉତ, ମଦନ ମୋହନ ଜେନା, ଚନ୍ଦ୍ରଶେଖର ପଣ୍ଡା, ମନୋରଜ ହରିଚନ୍ଦନ ସିଂ, ନାରାୟଣ କୁମାର ଧୀର, ଜ୍ଞାନରଞ୍ଜନ ରାଉତ, ଲୋକନାଥ ମଲ୍ଲିକ, ଗଣନାଥ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ହନୁମାନ ମନ୍ଦିରରୁ ଚୋରି

କୋରେଇ,୧୦।୯(ସ୍ୱ.ପ୍ର.)

କୋରେଇ ଥାନା ନୂଆଗଡ଼ ବାଇପାସ ଶୂନ୍ୟ ମନ୍ଦିର ନିକଟରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ହନୁମାନ ମନ୍ଦିରରୁ ଶୁକ୍ରବାର ରାତିରେ ଏକ ବଡ଼ ଘଣ୍ଟି ଚୋରି ହୋଇଛି। ଶନିବାର ସକାଳେ ପୂଜକ ମନ୍ଦିରକୁ ପ୍ରବେଶ କଲା ବେଳେ ଘଣ୍ଟି ବନ୍ଧା ହୋଇଥିବା ଚେନ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ଘଣ୍ଟି ନ ଥିବା ତାଙ୍କ ନଜରକୁ ଆସିଥିଲା। ତେଣୁ ଏହା ଚୋରି ହୋଇଥିବା ଜାଣି ସେ ମନ୍ଦିର ତତ୍ତ୍ୱାବଧାରକ ବାବୁଲାଲ ଗୁରୁଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ଅଗଷ୍ଟ ୧୫ରେ ଶୂନ୍ୟ ମନ୍ଦିରରୁ ଚୋରି ଉଦ୍ୟମ ହୋଇଥିବା ବେଳେ ଦୁଇ ବର୍ଷ ତଳେ ଏଠାରୁ ବିଭିନ୍ନ ପୂଜା ଉପକରଣ ଚୋରି ହୋଇଥିଲା। ଅଞ୍ଚଳରେ ଆଲୋକ ବ୍ୟବସ୍ଥା ନାହିଁ। ଯାହାର ସୁଯୋଗରେ ଚୋରି ବୃଦ୍ଧି ପାଉଛି। ଏହାବ୍ୟତୀତ ରାତି ହେଲେ ଏଠାରେ ନିଶାଡ଼ିଙ୍କ ଆଡ୍ଡା ଜମିବା ସହ ଅସାମାଜିକ କାର୍ଯ୍ୟ ମଧ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ପୁରାତନ ଜୈନ ଗୁମ୍ଫା ଓ ଶୂନ୍ୟ ମନ୍ଦିର ସମେତ ହନୁମାନ ମନ୍ଦିର ରହିଛି। ତେଣୁ ମନ୍ଦିରରୁ ଚୋରି ରୋକିବା ଓ ଶ୍ରଦ୍ଧାଳୁଙ୍କ ପାଇଁ ଆଲୋକୀକରଣ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

## ଖଣ୍ଡିତର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ


ବୈଠକରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

ରସୁଲପୁର,୧୦।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ୫-ଟି ବିଦ୍ୟାଳୟ ସ୍ଥିତି ସମ୍ପର୍କରେ ବିଭାଗକୁ ଅବଗତ ପାଇଁ ଏଭଳି ବୈଠକ ଆହ୍ୱାନ କରାଯାଇଛି। ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡି ଯୋଗ ଦେଇଥିଲେ। ବୈଠକରେ ୫-ଟି ବିଦ୍ୟାଳୟ ଗୁଡିକରେ ସୃଷ୍ଟି ହୋଇଥିବା ଭିତ୍ତିଭୂମିର ଉପଯୋଗିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଭିତ୍ତିଭୂମିରୁ ବିଦ୍ୟାର୍ଥୀ କେତେ ଲାଭବାନ ହୋଇଛନ୍ତି ତା’ର ଆକଳନ କରାଯିବ। ବିଦ୍ୟାଳୟକୁ ଅଧିକ ସରସ ସୁନ୍ଦର ପାଇଁ ଅର୍ଥର ଆବଶ୍ୟକତା ଥିଲେ ସେ ନେଇ ଶିକ୍ଷା ବିଭାଗକୁ ରିପୋର୍ଟ ଜରିଆରେ ସୂଚନା ଦିଆଯିବ। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ଅନ୍ୟ ଆବଶ୍ୟକତା ପୂରଣ କରାଯିବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

### ବିଦ୍ୟାଳୟରେ ସଚେତନତା ଶିବିର

ବରୀ,୧୦।୯(ଡି.ଏନ.ଏ.)

୫-ଟି ରୂପାନ୍ତରିତ ବିଦ୍ୟାଳୟର ପରିଚାଳନା ସଂକ୍ରାନ୍ତୀୟ ଏକ ସଚେତନତା ଶିବିର ବରୀ ବ୍ଲକ୍ ଅଧୀନ ଗମ୍ଭୁ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ୫-ଟି ରୂପାନ୍ତରିତ ବିଦ୍ୟାଳୟର ଶ୍ରେଣୀ ଗୃହ, ଶୌଚାଳୟ ଆଦି କିପରି ବ୍ୟବହାର କରାଯିବ ସେ ନେଇ ବୈଠକରେ ପିଲାମାନଙ୍କୁ କୁହାଯାଇଥିଲା। ସ୍ଥାନୀୟ ସରପଞ୍ଚ ଜଗଦୀଶ ଜେନା, ମୋ ସ୍କୁଲ ଅଭିଯାନ ସଭାପତି ପ୍ରତାପ କୁମାର ଦାସ, ସମବାୟ ସଭାପତି କେଦାର ନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, ଶିକ୍ଷକ କୁମାର ଚନ୍ଦ୍ର ଶୁକ୍ଳ, ଜ୍ଞାନରଞ୍ଜନ ମଲ୍ଲିକ, ସୁକାନ୍ତ କୁମାର ସ୍ୱାଇଁ, ନିରାକର ଜେନା, ବସନ୍ତ ପାତ୍ର, ଅବନ୍ତି ପରିଡ଼ା, କଳ୍ପନା ଧଳ, ଅଶୋକ କୁମାର ସାହୁ, ଜ୍ୟୋତିପ୍ରକାଶ ପ୍ରଧାନ, ପୁରାତନ ଛାତ୍ର ସୁବାସ ଜେନା ଓ ହେମନ୍ତ ବିଶ୍ୱାଳଙ୍କ ସମେତ ଛାତ୍ରୀଛାତ୍ର ଏବଂ ଅଭିଭାବକ ବୈଠକରେ ଉପସ୍ଥିତ ଥିଲେ।

## ଦର୍ପଣ ତହସିଲଦାରଙ୍କ ବଦଳି

ଚଣ୍ଡିଖୋଲ,୧୦।୯(ଡି.ଏନ.ଏ.)

ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କ ବଦଳି ହୋଇଛି। ତାଙ୍କୁ ଭଦ୍ରକ ଜିଲା ବନ୍ତ ବ୍ଲକର ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ବନ୍ତ ବ୍ଲକ ବିଡିଓ ଶୁଭଦର୍ଶନ ମିଶ୍ର ଦର୍ପଣ ତହସିଲଦାର ଭାବେ ବଦଳି ହୋଇଛନ୍ତି। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ତହସିଲଦାର ଭାବେ ସେଠୀ ୨୦୨୧ ମେ’ରେ ଏଠାରେ କର୍ଯ୍ୟଭାର ଗ୍ରହଣ କରିଥିଲେ। ତାଙ୍କ ସମୟରେ ବେଆଇନ ମାଙ୍କଡ଼ା, ବାଲି ଓ ପଥର ଚୋରାଚାଲାଣ ଏକରକମ ଠପ ହୋଇଯାଇଥିଲା। ସେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବହୁ ଗାଡ଼ି ଜବତ କରିବା ସହ ରାଜସ୍ୱ ଆଦାୟରେ ଯାଜପୁର ଜିଲାରେ ୨ୟ ସ୍ଥାନ ହାସଲ କରିଥିଲେ। ମାତ୍ର ୧ ବର୍ଷ ୪ ମାସରେ ତାଙ୍କ ବଦଳିକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଏନ୍‌ଏଚ୍ ସଂଯୋଗ ରାସ୍ତାରେ ସୂଚନା ଫଳକ ଲାଗୁ


ଆଞ୍ଚଳିକ ଅଧିକାରୀଙ୍କୁ ସୁରଜ ଲାଲ୍ ସାମଲ ଦାବିପତ୍ର ପ୍ରଦାନ କରୁଛନ୍ତି।

ଯାଜପୁର ସଦର,୧୦।୯(ଡି.ଏନ୍.ଏ.)

ଯାଜପୁର ଜିଲାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ(ଏନ୍‌ଏଚ୍)ଗୁଡ଼ିକ ଯେଉଁ ସବୁ ସ୍ଥାନରେ କାମ ଅଧୁରା ହୋଇପଡ଼ିଛି ତାହାକୁ ତୁରନ୍ତ ଶେଷ କରିବା ଓ ରାଜପଥକୁ ସଂଯୋଗ କରୁଥିବା ସ୍ଥାନଗୁଡ଼ିକରେ ସୂଚନା ଫଳକ ଲଗାଇବାକୁ ଭାଜପା ଜିଲା ସମ୍ପାଦକ ସୁରଜ ଲାଲ୍ ସାମଲ ଏନ୍‌ଏଚ୍ ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସେ ଏନ୍‌ଏଚ୍ ଅଧିକାରୀଙ୍କୁ ଭେଟି ରାଜପଥରେ ଘଟୁଥିବା ଦୁର୍ଘଟଣା ପାଇଁ ରାସ୍ତାକାମ ଏବଂ ସଂଯୋଗ ସ୍ଥାନରେ ସୂଚନା ଫଳକ ନ ଥିବାକୁ ଦାୟୀ କରିଥିଲେ। ସାମଲ ଏହି ମର୍ମରେ ଜଣାଇଥିଲେ ଯେ, ଏନ୍‌ଏଚ୍ ୧୬ର କୁଆଖିଆରୁ ଜିଲା ମୁଖ୍ୟାଳୟକୁ ଯିବା ନିମନ୍ତେ ରହିଥିବା ସ୍ଥାନରେ ସୂଚନା ଫଳକ ଲଗାଯାଇ ନାହିଁ। ସେଥିପାଇଁ ଉଭୟ ପକ୍ଷରୁ ଆସୁଥିବା ଯାତ୍ରୀ ଯାଜପୁର ଟାଉନ୍ ବା ମୁଖ୍ୟାଳୟକୁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଷଠିପୁରଠାରେ ଫଳକ ଲଗାଯାଇ ନ ଥିବାରୁ ସେଠି ମଧ ଏପରି ଅସୁବିଧା ହେଉଛି। ତେଣୁ ତୁରନ୍ତ ରାସ୍ତା ମରାମତି ସହିତ ଏନ୍‌ଏଚ୍‌କୁ ସଂଯୋଗ କରୁଥିବା ବାଇପାସ୍ ଓ ମୁଖ୍ୟ ରାସ୍ତାଗୁଡ଼ିକରେ ସୂଚନା ଫଳକ ଲଗାଇବାକୁ ସେ ଦାବି କରିଛନ୍ତି। ଆଞ୍ଚଳିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଥିବା ସାମଲ କହିଛନ୍ତି।

## ରାସ୍ତାରେ ବୋହିଯାଉଛି ପାଇପ୍ ପାଣି

ବ୍ରହ୍ମବରଦା,୧୦।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଗ୍ରାମର ଛେନାଖିଆପାଟଣା ସାହିରେ ବସୁଧା ଯୋଜନାରେ ଯୋଗାଣ କରାଯାଉଥିବା ପାଇପ୍ ପାଣି ରାସ୍ତାରେ ବହିଯାଉଛି। ଲୋକେ ପିଇବାକୁ ଶୁଦ୍ଧ ପାଣି ପାଉ ନ ଥିବା ବେଳେ ଏଠି ପାଇପ୍ ଫାଟି ପାଣି ନଷ୍ଟ ହେବାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଠିକା ସଂସ୍ଥା କର୍ମଚାରୀ ମେଶିନ ସାହାଯ୍ୟରେ ପାଇପ


ରାସ୍ତାରେ ପାଇପ୍ ପାଣି ବହିଯାଉଛି।

ପୋତୁଛନ୍ତି। ହେଲେ ଏହି ସମୟରେ କଂକ୍ରିଟଗୁଡ଼ିକ ଫଟାଇ ଦେଉଛନ୍ତି। ଫଳରେ ପାଇପ୍ ଫାଟି ରାସ୍ତାରେ ପାଣି ବହୁଛି। ଅନେକ ସ୍ଥାନରେ ଢଳେଇ ଫାଟିଥିବାରୁ ସେଥିରେ ଝୁଣ୍ଟି ଲୋକେ ଖଣ୍ଡିଆଖାବରା ହେଉଛନ୍ତି। ପାଇପ ଲାଇନ ସଂଯୋଗୀକରଣ ବାହାନାରେ ଢଳେଇ ରାସ୍ତା ଖୋଳାଯାଉଛି। କିନ୍ତୁ ତାହା ମରାମତି କରାଯାଉ ନ ଥିବାରୁ ଏଭଳି ଘଟଣା ଘଟୁଛି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ନିଜ ପ୍ରତି ଅବିଚାର କଲେ ବିଚାରପତି

ଯାଜପୁର ଟାଉନ,୧୦।୯(ଡି.ଏନ.ଏ.)

### ବିଚାରପତି ସୁବାସ କୁମାର ବିହାରୀଙ୍କ ସ୍ମୃତି ସଭା

ଅଳ୍ପ ଦିନ ଚାକିରିରେ ଅନେକ ଅଭିଜ୍ଞତା ହାସଲ କରିଥିଲେ। ନିଜର ଦୃଢ଼ ଇଚ୍ଛା ଶକ୍ତି ଓ ଅଧ୍ୟବସାୟ ଫଳରେ ସେ ରାଜ୍ୟର ଜଣେ ପରିଚିତ ବିଚାରପତି ହୋଇପାରିଥିଲେ। ନିଜର ମେଧାଶକ୍ତି ବଳରେ ଅନେକ ଅଭିଜ୍ଞଙ୍କୁ ପଛରେ ପକାଇଦେଇଥିଲେ। ଜଣେ ହୃଦୟବାନ, ସମାଜବାଦୀ ଚିନ୍ତାଧାରା ବ୍ୟକ୍ତି ଭାବେ ସବୁବେଳେ ସମସ୍ତଙ୍କୁ ଉଚିତ ବିଚାର ଦେଉଥିବା ବିଚାରପତି କାହିଁକି ଏବଂ କିପରି ନିଜ ପ୍ରତି ଅବିଚାର କଲେ ତାହା ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। କଟକ ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତର ଶେଷଦେବ ବାସନ୍ତୀ ହାଇସ୍କୁଲ ପରିସରରେ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ ବକ୍ତାମାନେ ଉପରୋକ୍ତ ପ୍ରଶ୍ନ ପଚାରିଛନ୍ତି। ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ସ୍ମୃତିସଭା ଶିକ୍ଷକ ସୁରେନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମାନବାଧିକାର କମିଶନର ବିଚାରପତି ଅସିମ ଅମିତାଭ ଦାସ, ସିପିଆଇଏମ ନେତା ସନ୍ତୋଷ କୁମାର ଦାସ, ଆଇନଜୀବୀ ନାରାୟଣ ଧୀର, ହାଇକୋର୍ଟ ଆଇନଜୀବୀ ଶଶିଭୂଷଣ ଦାସ, ଦିବ୍ୟସିଂହ ନାୟକ ପ୍ରମୁଖ ଯୋଗଦେଇ ବିହାରୀଙ୍କ ବ୍ୟକ୍ତିତ୍ୱ ଓ ମେଧାଶକ୍ତିର ପ୍ରଶଂସା କରିଥିଲେ। ସ୍ମୃତିସଭାରେ ବିହାରୀଙ୍କ ଅନେକ ସହକର୍ମୀ, ବନ୍ଧୁ, ଆଇନଜୀବୀ, ବୁଦ୍ଧିଜୀବୀ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଆଇନଜୀବୀ ସମରେନ୍ଦ୍ର ଦାସ, ଶଶିଭୂଷଣ ପଣ୍ଡା, ଡ. ରବିନାରାୟଣ ସେନାପତି, ରାକେଶ ନାୟକ, ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ରାକେଶ ସାହୁ, ଶୁଭ୍ରାଂଶୁ ରାୟ, ଗୁରୁପସନ୍ନ ଦାସ, ସୁବୋଧ ରାୟ, ରବିନାରାୟଣ ସାହୁ, ସୁଚିସ୍ମିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିହରୀଙ୍କ ତୈଳ ଚିତ୍ରରେ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥିମାନେ।

# ଗୋକର୍ଣ୍ଣିକା ବହୁ ଯୁବ ସାହିତ୍ୟିକ ସୃଷ୍ଟି କରିଛି

ଧର୍ମଶାଳା,୧୦।୯(ଡି.ଏନ.ଏ.)

### ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ, ପୁରସ୍କାର ପ୍ରଦାନ ସମାରୋହ

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଶନିବାର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ, ଗୋକର୍ଣ୍ଣିକା ପୂଜ୍ୟ ପୂଜା ସମ୍ମାନ ପ୍ରଦାନ, ପୁସ୍ତକ ଉନ୍ମୋଚନ, ଗୋକର୍ଣ୍ଣିକା କବିତା ସମ୍ମାନ ଓ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ଏବଂ ସମ୍ମାନ ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଉଦ୍‌ଘାଟନ କରି ଧର୍ମଶାଳା ସାହିତ୍ୟ ସଂସ୍କୃତିର ଗନ୍ତାଘର। ଗୋକର୍ଣ୍ଣିକା ସାହିତ୍ୟ ସମାଜ ୪୭ ବର୍ଷ ଧରି ଗ୍ରାମାଞ୍ଚଳରେ ସାହିତ୍ୟ ସଭା କରିଆସୁଥିବା ବେଳେ ଏହାର ସାହିତ୍ୟ ପତ୍ରିକା ଗୋକର୍ଣ୍ଣିକା ୪୫ ବର୍ଷ ଧରି ବହୁ ଯୁବ ସାହିତ୍ୟିକଙ୍କୁ ସୃଷ୍ଟି କରିଛି। କ୍ଷମତାରେ ଥାଇ ସାହିତ୍ୟ ସଂସ୍କୃତିକୁ ସମ୍ମାନ କରୁ ନ ଥିବା ବ୍ୟକ୍ତି ମଣିଷ ନୁହେଁ। ତେଣୁ ଏହି ଅନୁଷ୍ଠାନକୁ ରାଜ୍ୟସ୍ତରରେ ସମ୍ମାନିତ କରିବା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ।

ଉତ୍ସବରେ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଗୋକର୍ଣ୍ଣିକା ପତ୍ରିକା ଓଡ଼ିଶାର ଏକ ପ୍ରମୁଖ ସାହିତ୍ୟ ପତ୍ରିକା, ଯାହାକି ଜାରକା ଭଳି ଗ୍ରାମାଞ୍ଚଳରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି। ସ୍ୱକ୍ରିୟ ସାରସ୍ୱତ ଶୈଳୀରେ ଜୀବନର ବିବିଧ ଭାଗକୁ ଉନ୍ମୋଚନ କରିବାରେ ପଣ୍ଡିତ ତ୍ରିପାଠୀ ସଫଳ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥି ଶରତଚନ୍ଦ୍ର ନାୟକଙ୍କ ପୁସ୍ତକ ‘ସଙ୍କୀର୍ତ୍ତନ ସଙ୍ଗୀତ ମାଳା’ ଓ ସରୋଜକାନ୍ତ ପରିଜାଙ୍କ ‘ଗୀତରେ ଗୀତରେ ବଡମଣିଷ’ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଘଡ଼େଇଙ୍କୁ ମର୍ଯ୍ୟାଦା ଜନକ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ୨୦୨୨ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମାଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶିଶୁ ସହିତ୍ୟିକ ସରୋଜ କୁମାର ପରିଜାଙ୍କୁ ଶିଶୁ ସାହିତ୍ୟ ସମ୍ମାନ, କବି ଡ. ଯତିନ୍ଦ୍ର କୁମାର ରାଉତଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ରଗୁଡ଼ିକୁ ଡ. ଇନ୍ଦୁପ୍ରଭା ସାମଲ, ଗାୟତ୍ରୀ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ପାଠ କରିଥିଲେ। ପରେ ଅତିଥିଙ୍କୁ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ବିଦ୍ୟାଧର ସାହୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ, ବ୍ରଜ କିଶୋର ଦାଶ ବେଦ ପାଠ କରିଥିଲେ। ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରଚିତ ଆବାହନୀ ସଙ୍ଗୀତ ହେ ମୋର ଅନ୍ତର୍ଯ୍ୟାମୀ ଗାନ କରାଯାଇଥିବା ବେଳେ ବ୍ୟାସଶ୍ରୀ କଳା ନିକେତନର ଛାତ୍ରୀଛାତ୍ର ସମ୍ପାଦକ ବାଇଧର ମାଝିଙ୍କ ନିର୍ଦ୍ଦେଶନାରେ ସ୍ୱର୍ଗତ ତ୍ରିପାଠୀଙ୍କ ଦ୍ୱାରା ରଚିତ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ଡା. ରୁଦ୍ର ନାରାୟଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।


ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଲଘୁଚାପରୁ ପ୍ରବଳ ବର୍ଷା, ନଦୀକୂଳବାସୀଙ୍କୁ ସତର୍କ ସୂଚନା

## ଘୋଡାହାଡ ଡ୍ୟାମ୍ ଜଳସ୍ତର ବୃଦ୍ଧି, ଖୋଲିଲା ଗେଟ

ଦିଗପହଣ୍ଡି,୧୦।୯(ଡି.ଏନ.ଏ.)

ଲଘୁଚାପଜନିତ ପ୍ରବଳ ବର୍ଷାରେ ଘୋଡାହାଡ ଡ୍ୟାମ୍ ଜଳସ୍ତର ବୃଦ୍ଧି ପାଇ ବିପଦ ସଙ୍କେତ ପାଖାପାଖି ହୋଇଛି। ଡ୍ୟାମ୍‌ର ସୁରକ୍ଷା ପାଇଁ ୬ଟି ଗେଟ୍ ମଧ୍ୟରୁ ଗୋଟିଏ ଗେଟ୍ ଶନିବାର ଖୋଲାଯାଇ ଉଦ୍‌ବୃତ୍ତ ଜଳ ନଦୀକୁ ଛଡାଯାଇଛି। ଆଗକୁ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଘୋଡାହାଡ ନଦୀ କୂଳିଆ ଗାଁ ଲୋକଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍‌ର ଏସ୍.ଟିକରପଡା, ଗୋଲଣ୍ଡା, ବୋରିପଦର, ମଧୁବନ, କଇଠଖଣ୍ଡି, ତଲାସିଙ୍ଗି, ପନାଡ, ଜକମେରୀପଲ୍ଲୀ, ଜଲମେରୀପଲ୍ଲୀ, ଧେରେଣ୍ଡି, ଗୁମ୍ମା, ମୌଳାଭଞ୍ଜା ଓ ଖୁଲୁଡ ଆଦି ଗ୍ରାମ ଓ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଓ କୋଠାଗୁଡିକରେ ସତର୍କ ସୂଚନା ଲଗାଯାଇଛି। ଏହି ସମୟରେ ନଦୀଗର୍ଭକୁ କୌଣସି ପ୍ରକାର ବ୍ୟବହାର କରିବା ସମୟରେ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହ ଗୃହପାଳିତ ପ୍ରାଣୀମାନଙ୍କୁ ନଦୀଗର୍ଭକୁ ନ ଛାଡିବା ପାଇଁ ବାରଣ କରାଯାଇଛି। ଶନିବାର ଘୋଡାହାଡ ଜଳ ଭଣ୍ଡାରର ଜଳସ୍ତର ୧୧୬.୭୦ ମିଟର ରହିଛି। ୧୦ ତାରିଖ ସୁଦ୍ଧା ଡ୍ୟାମ୍‌ର ଉପରମୁଣ୍ଡରେ ୫୦ ମି.ମି. ବର୍ଷା ହୋଇଥିବା ବେଳେ ଦିଗପହଣ୍ଡିରେ ୩୮ ମି.ମି. ବର୍ଷା ହୋଇଥିବା ଘୋଡାହାଡ ଜଳସେଚନ ବିଭାଗ ତରଫରୁ ରେକର୍ଡ କରାଯାଇଥିବା ଘୋଡାହାଡ ଜଳସେଚନ ଉପଖଣ୍ଡ ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଏ.ଗୋପାଳ ରାଓ ସୂଚନା ଦେଇଛନ୍ତି।


ଘୋଡାହଡ ଡ୍ୟାମ୍

## ସଂକ୍ଷେପରେ

### ବାହୁଦାରେ ଭାସିଯାଇ ବୃଦ୍ଧା ନିଖୋଜ

ଟିକିଟି,୧୦।୯(ଡି.ଏନ.ଏ.):କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଜଣେ ବୃଦ୍ଧା ଶନିବାର ସକାଳେ ବାହୁଦା ନଦୀରେ ଭାସି ଯାଇ ନିଖୋଜ ଥିବା ଜଣାପଡିଛି। ବୃଦ୍ଧା ଜଣକ ହେଲେ ଚାନ୍ଦପୁର ଗ୍ରାମର ରେଖି ସାହୁ (୬୭)। ରେଖି ସକାଳେ ବାହୁଦା ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ହଠାତ ଗୋଡ଼ ଖସି ଯିବାରୁ ବନ୍ୟା ଜଳର ପ୍ରଖର ସ୍ରୋତରେ ନିଖୋଜ ଥିବା ସନ୍ଦେହ କରାଯାଉଛି। ବହୁ ଖୋଜାଖୋଜି ପରେ ତାଙ୍କ ଖୋଜଖବର ମିଳି ନାହିଁ। ଚାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ କୁମାର ସାହୁ ଟିକିଟି ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କୁ ଜଣାଇଥିଲେ। ପରେ ତହସିଲଦାର ଟିକିଟି ଦମକଳ ବାହିନୀକୁ ଖବର ଦେଇଥିଲେ। ବାହୁଦା ନଦୀରେ ଦମକଳ କର୍ମଚାରୀମାନେ କଳିଙ୍ଗଦଳା ବାହୁଦା ଆନିକଟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। କିନ୍ତୁ ବୃଦ୍ଧାଙ୍କ ସନ୍ଧାନ ମିଳିନି।

### ଖଜୁରିପଡ଼ାରେ ନୂତନ ବିଡିଓଙ୍କ ଯୋଗଦାନ



ବଲସକୁମ୍ପା,୧୦।୯:ଖଜୁରୀପଡା ବ୍ଲକରେ ନୂତନ ବିଡ଼ିଓ ଭାବେ ଅନୁପମା ଘୋଷ ଯୋଗ ଦେଇଛନ୍ତି। ଏଠାରେ ଥିବା ବିଡ଼ିଓ ରବୀନ୍ଦ୍ର ନାଥ କହଁରଙ୍କର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍‌କୁ ବଦଳି ହୋଇଛି। ଅନୁପମା ଘୋଷ ବରଗଡ଼ ଜିଲା ଆମ୍ବାଭୋନା ବ୍ଲକରେ ବିଡ଼ିଓ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସନ୍ଧ୍ୟାରେ ଘୋଷ ଖଜୁରିପଡା ବ୍ଲକ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ବ୍ଲକ କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗରେ ସମସ୍ତ ଉନ୍ନୟନ କାମର ଅଗ୍ରଗତି ହେବ ବୋଲି ସେ କହିଛନ୍ତି।

### ଟାକରଡା ସ୍କୁଲ୍‌ରେ ଶିକ୍ଷକ ଅଭିଭାବକ ବୈଠକ

ବୁଗୁଡା,୧୦।୯(ଡି.ଏନ.ଏ.):ବୁଗୁଡା ବ୍ଲକ ଟାକରଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଏବଂ ଅତିଥି ଭାବେ ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଜିତାଶ୍ରୀ ନାୟକ, ସିଆରସିସି ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦେଇ ସ୍କୁଲର ସାମଗ୍ରୀକ ଉନ୍ନତି ଓ ଶିକ୍ଷାର ଗୁଣାତ୍ମକ ବିକାଶ ଲାଗି ଶିକ୍ଷକ ଓ ଅଭିଭାବକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ବୈଠକରେ ଶିକ୍ଷୟିତ୍ରୀ ଶିକ୍ଷକ, ନବମ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ।

### ଆଦର୍ଶ ହିନ୍ଦୀ ଶିକ୍ଷକଙ୍କ ବିୟୋଗ

ପାରଳାଖେମୁଣ୍ଡି,୧୦।୯(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହର ଭଣ୍ଡାରିସାହି ନିବାସୀ ଆଦର୍ଶ ହିନ୍ଦୀ ଶିକ୍ଷକ ତଥା ଯୁବକବି, ଲେଖକ ଅଶ୍ୱିନୀ ଦାଶ(୩୮)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ଶନିବାର ତାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଐତିହାସିକ ତଥା ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭଣ୍ଡାରିସାହି ଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବହୁ ବୁଦ୍ଧିଜୀବୀ ଯୋଗ ଦେଇ ଅଶ୍ୱିନୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ବେବର୍ତ୍ତା, ଡ. ଅଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଅଶ୍ୱିନୀ ଆର. ଉଦୟଗିରି ବ୍ଲକ ଚେଲ୍ଲାଗଡ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ।

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଭିଭାବକ ସମ୍ମିଳନୀ

କାଶୀନଗର,୧୦।୯-ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶ ପ୍ରକାରେ ଶନିବାର କାଶୀନଗର ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟଗୁଡିକରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା, ନିଜ ନିଜ ପିଲାଙ୍କ ଶିକ୍ଷାର ଉନ୍ନତି କିପରି ହୋଇପାରିବ ସେନେଇ ଶିକ୍ଷକ ଅଭିଭାବକମାନଙ୍କ ମିଳିତ ବୈଠକ ହୋଇଥିଲା। ବାରାଣସୀ ଉଚ୍ଚ ବିଦ୍ୟାଳୟ, ଖାରଡ଼ା ବିନାୟକ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଅଲଡ଼ା, ବିଜୟାନନ୍ଦ ବିଦ୍ୟାଳୟ, ଅଲଡ଼ା ବଂଶଧାରା ବିଦ୍ୟାଳୟ, ବାଳିକା ବିଦ୍ୟାଳୟ ଆଦି ସ୍କୁଲର ଅଭିଭାବକମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ମାଧ୍ୟମିକ ଶିକ୍ଷକ, ଅଭିଭାବକମାନଙ୍କ ଆଲୋଚନାଚକ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଇଓ ଆଦିକନ୍ଦ ଗମାଙ୍ଗ, ଅମିନ ମଙ୍ଗରାଜ, ସଞ୍ଜୁ ମହାଙ୍କୁଡ଼ ପ୍ରମୁଖ ପରିଚାଳନା କରିଥିଲେ।

# ଟାକରା ହାଇସ୍କୁଲରେ ଅଭିଭାବକଙ୍କ ବୈଠକ

ଦଶପଲ୍ଲା,୧୦।୯ (ଡି.ଏନ.ଏ.)

ଶନିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତରେ ଥିବା ଟାକରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟର ଶିକ୍ଷକ ଏବଂ ପରିଚାଳନା କମିଟିର ସଭ୍ୟାସଭ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗବନ୍ଧୁ ଆଚାର୍ଯ୍ୟ,ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ନାଏକ,ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅନ୍ନଦା ପ୍ରସାଦ ଡାକୁଆ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ । ଏହି ବୈଠକରେ ବିଦ୍ୟାଳୟ ୫-ଟି ଅନ୍ତର୍ଭୁକ୍ତ ହେବାପରେ କ'ଣ ଉନ୍ନତୀ ହୋଇପାରିବ ପ୍ରଧାନ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ଏବଂ ପରିଚାଳନା କମିଟିର ସଭାପତି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅଭିଭାବକମାନଙ୍କ ମିଳିତ ସହଯୋଗରେ ଉକ୍ତ ବିଦ୍ୟାଳୟ ରୂପାନ୍ତରଣରେ ପ୍ରମୁଖ ଭୂମିକା ନେବ ବୋଲି ମତ ପ୍ରକାଶ ପାଇଥିଲା ।

# କିଶୋରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

ନୟାଗଡ଼ ଅଫିସ,୧୦।୯

ନୟାଗଡ଼ର ଖବରଦାତା କିଶୋର ଚନ୍ଦ୍ର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ସାମ୍ବାଦିକ ଭବନରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ତାଙ୍କର ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଭବନର ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଖବରଦାତା ପ୍ରମୋଦ ପଟ୍ଟନାୟକ, ନିଶିକାନ୍ତ ରଥ, ରାମକୃଷ୍ଣ ରଥ, ରଜତ ପଟ୍ଟନାୟକ, ଅନୱର ଅଲ୍ଲି ପ୍ରମୁଖ ଯୋଗଦେଇ କିଶୋରଙ୍କ ସ୍ମୃତିଚାରଣ କରିଥିଲେ । କିଶୋରଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ସାମ୍ବାଦିକଙ୍କ ପାଇଁ ରହିଥିବା ସମସ୍ତ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାପାଇଁ ଜିଲା ପ୍ରଶାସନକୁ ସାମ୍ବାଦିକ ସଂଘ ପକ୍ଷରୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କିଶୋରଙ୍କ ପରଲୋକ ଘଟିଥିଲା ।


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଖବରଦାତା ।

# ବାହ୍ୟଜଗତରୁ ବିଚ୍ଛିନ୍ନ ୪ ଗାଁ

## ହରଭଙ୍ଗୀରେ ଜଳସ୍ତର ବୃଦ୍ଧି

ଆର.ଉଦୟଗିରି,୧୦।୯(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମୋହନା ନିକଟରେ ହରଭଙ୍ଗୀ ନଦୀରେ ଜଳସ୍ତର ବଢୁଛି। ଗୁରୁବାର ରାତିତମାମ ଓ ଶୁକ୍ରବାର ସକାଳେ ପ୍ରବଳ ବର୍ଷା ଯୋଗୁ ନଦୀ ଫୁଲିବା ସହ ଆରପଟେ ଥିବା ଧନୁପଙ୍କ, ବାଢ଼େଇପୁର, ଗୁଡ୍ରିଗୁଡା, ନୂଆସାହି ଆଦି ୪ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଜଳ ନିଷ୍କାସନ ପାଇଁ ଅଡବା ହାଡ଼ଭଙ୍ଗୀ ଜଳଭଣ୍ଡାରରେ ଗୋଟିଏ ଗେଟ ଖୋଲା ଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ମାସକ ତଳେ ମଧ ହରଭଙ୍ଗୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଉପରୋକ୍ତ ୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିଲା। ଏସବୁ ଗାଁ ମୋହନା ହେଡ୍ କ୍ୱାର୍ଟରଠାରୁ ମାତ୍ର ୨ କି.ମି. ଦୂରରେ ଥିବା ବେଳେ ପ୍ରଶାସନ ପହଞ୍ଚି ପାରୁନାହିଁ। ସେପଟେ ଜଳସ୍ତର ବୃଦ୍ଧି ଯୋଗୁ ଅଡ଼ବା ଜଳ ଭଣ୍ଡାରରେ ଗୋଟିଏ ଗେଟ ଖୋଲାଯାଇଛି।

# କାନ୍ଥ ପଡ଼ି ମାଆ, ଶିଶୁ ଗୁରୁତର

ଆର.ଉଦୟଗିରି,୧୦।୯(ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ବୁଲଡ଼ାପଙ୍କା ଗାଁରେ ଶନିବାର ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ପଡିବାରୁ ମା' ଓ ୪ ମାସର ଶିଶୁପୁତ୍ର ମାଟି ତଳେ ଚାପି ହୋଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି । ସ୍ୱାମୀ ଘାସ କାଟିବାକୁ ଯାଇଥିବା ବେଳେ ପନିତା ଶବର ତାଙ୍କ ୪ ମାସର ଶିଶୁକୁ ଧରି ଘରେ ଶୋଇଥିଲେ। ଏହି ସମୟରେ ମାଟି କାନ୍ଥ ତାଙ୍କ ଉପରେ ଭୁଶୁଡ଼ି ପଡିଥିଲା। ସ୍ଥାନୀୟ ଲୋକେ ମାଟି ତଳୁ ମା' ଓ ଶିଶୁକୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସରେ ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଛି। ଶିଶୁଟିରେ ମୁଣ୍ଡରେ ମାଡ଼ ହୋଇଥିବା ବେଳେ ମା'ଙ୍କ ମୁଣ୍ଡ ଓ ହାତ ଗୋଡରେ ଆଘାତ ଲାଗିଛି। ସେହିପରି ଉକ୍ତ ଗ୍ରାମରେ ଦୀନ ଦଳବେହେରା ରୋଷେଇ କରୁଥିବା ବେଳେ କାନ୍ଥ ପଡ଼ିଯାଇଛି।

# ମାଣିକେଶ୍ୱରୀ ମନ୍ଦିରରେ ରାଜକୁମାରୀଙ୍କ ପୂଜା


ରାଜକୁମାରୀ କଲ୍ୟାଣୀ ଦେବୀ ପୂଜାର୍ଚ୍ଚନା କରୁଛନ୍ତି।

ପାରଳାଖେମୁଣ୍ଡି,୧୦।୯(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଅଙ୍କସାହିରେ ଥିବା ମା' ମାଣିକେଶ୍ୱରୀଙ୍କ ମନ୍ଦିର ପରିସରରେ ପାରଳା ରାଜପ୍ରାସାଦ ପକ୍ଷରୁ ପାରମ୍ପରିକ ଅଙ୍କକୋଷା ଓ ଖଣ୍ଡାପୂଜା କରାଯାଇଛି। ରାଜକୁମାରୀ କଲ୍ୟାଣୀ ଦେବୀ ଠାକୁରାଣୀଙ୍କ ପାଖରେ ବର୍ଷକର ହିସାବ ରଖି ଆଗାମୀ ବର୍ଷର କାର୍ଯ୍ୟ ଆରମ୍ଭ ପାଇଁ ପୂଜାର୍ଚ୍ଚନା କରିଛନ୍ତି।

ପ୍ରତିବର୍ଷ ପରମ୍ପରା ଅନୁସାରେ ପାରଳାଖେମୁଣ୍ଡି ରାଜ ପରିବାର ପକ୍ଷରୁ ମା'ଙ୍କ ନିକଟରେ ବର୍ଷକର ବିଭିନ୍ନ କାର୍ଯ୍ୟକଳାପର ହିସାବ ଦିଆଯିବା ସହ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଏ। ଏହାକୁ ମହାରାଜାଙ୍କ ଅଙ୍କକୋଷା ବୋଲି ସାଧାରଣରେ କୁହାଯାଏ। ଏଥିସହ ଖଣ୍ଡାପୂଜା ମଧ କରାଯାଇଛି। ପ୍ରତି ଶକ୍ତିପୀଠରେ ବଳିପ୍ରଥା ରହିଥିବା ବେଳେ ଏଠାରେ ଜିଅନ୍ତା ମାଗୁର ମାଛକୁ ମା'ଙ୍କଠାରେ ଛାଡ଼ି ଦିଆଯାଇଥାଏ। ଏହି ବାର୍ଷିକ ପୂଜା ସମୟରେ ମା'ଙ୍କ ମନ୍ଦିର ସମ୍ମୁଖରେ ବହୁ ଲୋକ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଛି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ

ଧରାକୋଟ,୧୦।୯(ଡି.ଏନ.ଏ.)

ଯୁଗ ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ପରିକ୍ରମା ଧରାକୋଟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ଧରାକୋଟ ଥାନା ଅଧିକାରୀ ଉମାକାନ୍ତ ସାହୁ ଏଥିରେ ଯୋଗଦେଇଥିଲେ । ସହ ପ୍ରତି ରତିକ ଲିଙ୍ଗରାଜ ସାଇଁଙ୍କ ପରିଚାଳନରେ ସତସଙ୍ଗ ଆରମ୍ଭ ହୋଇଥିଲା। କେ.ଗୁନା ଦୋରା ପ୍ରାରମ୍ଭିକ ସୂଚନା ଦେବା ସହ କୀର୍ତ୍ତନ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶରରୁ ଆସିଥିବା ସନ୍ୟାସୀ ବେହେରା ଶ୍ରୀ ଶ୍ରୀ ଠାକୁରଙ୍କ ଭାବଦର୍ଶ ଉପରେ ଆଲୋଚନା କରିଥିଲେ। ଧରାକୋଟ, ଆସିକା ଓ ଶେରଗଡ ବ୍ଲକର ୫ଶହରୁ ଉର୍ଦ୍ଧ ଭକ୍ତ ଯୋଗ ଦେଇଥିଲେ।

# ବିଦ୍ୟାଳୟରେ ଫାଷ୍ଟଏଡ୍ ଦିବସ

ଖଣ୍ଡପଡା,୧୦।୯ (ସ୍ୱ.ପ୍ର.)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଫାଷ୍ଟଏଡ୍ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ। ଜରୁରିକାଳୀନ ପରିସ୍ଥିତିରେ ସମସ୍ତଙ୍କୁ ଚିକିତ୍ସାସେବା ଯୋଗାଇ ଦେବା, ନିୟମିତ ଭାବେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଆଲୋଚନା ହୋଇଥିଲା । ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୫-ଟି ର ମାନ୍ୟତା ପାଇଥିବାରୁ ରୂପାନ୍ତରୀକରଣ ଯୋଜନାର ସଫଳ ରୂପାୟନ ଦିଗରେ ଅଞ୍ଚଳବାସୀ ସହଯୋଗ କରିବାକୁ ପ୍ରଧାନଶିକ୍ଷୟିତ୍ରୀ ସାହୁ ନିବେଦନ କରିଛନ୍ତି।



ଫାଷ୍ଟଏଡ୍ ଦିବସ ସଭାରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଭଞ୍ଜନଗର,୧୦।୯(ଡି.ଏନ୍.ଏ.)

ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଜିଲାସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦକ୍ଷିଣ-ପୂର୍ବ ସମ୍ଭାଗ କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଭଞ୍ଜନଗର ସଙ୍କୁଳ ପ୍ରମୁଖ ପ୍ରସନ୍ନ କୁମାର ପ୍ରଧାନ, ସହ ଜିଲା ପ୍ରମୁଖ ତ୍ରିନାଥ ଗୌଡ଼, ସମ୍ପାଦକ ପଦ୍ମନାଭ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଭଞ୍ଜନଗର, ଫୁଲବାଣୀ, ବାଲିଗୁଡା ସଙ୍କୁଳରୁ ୧୦୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ଉମାକାନ୍ତ ନାହାକ, କେଦାରନାଥ ସେଠୀ, ପ୍ରଦୀପ କୁମାର ଆଚାର୍ଯ୍ୟ, ବନମାଳୀ ଗୌଡ଼, ଶିକ୍ଷୟିତ୍ରୀ ବାସନ୍ତୀ ପାଣିଗ୍ରାହୀ, ଇନ୍ଦିରାପ୍ରଭା ନାୟକ, ରଞ୍ଜିତା ଦାସ ଓ ମମତା ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମା' ଗୁରୁଜୀ ସହଯୋଗ କରିଥିଲେ ।

# ସଂଘବଦ୍ଧ ଆକ୍ରମଣ, ବାଇକ୍ ପୋଡି

ଆସିକା,୧୦।୯(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡା ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। କୌଶଳକ୍ରମେ ଯୁବକ ଜଣକ ବର୍ତ୍ତିଯାଇଥିଲା ବେଳେ ସେ ଛାଡିଯାଇଥିବା ବାଇକକୁ ଆକ୍ରମଣକାରୀ ପୋଡି ଦେଇଛନ୍ତି। ଘଟଣା ସମ୍ପର୍କରେ ସେହି ଗ୍ରାମର ସୁଲୋଚନା ସେଠୀ ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩୯୩/୨୨ରେ ଏକ ମାମଲା ରୁଜୁ କରି କେତେଜଣ ଯୁବକଙ୍କୁ ଆଣି ତଦନ୍ତ କରୁଥିବା ଜଣାଯାଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୨ ବାଇକ୍ ଚାଳକ ମୃତ

ରାଇକିଆ/କ.ନୂଆଗାଁ ୧୦।୯(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ଓ କ. ନୂଆଗାଁ ଥାନା ଅଞ୍ଚଳରେ ଶନିବାର ଦୁର୍ଘଟଣାରେ ୨ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ରାଇକିଆ ଥାନା ରାମୁଣ୍ଡା ବୁଲାଣି ରାସ୍ତାରେ କୌଣସି ଏକ ଗାଡ଼ି ଧକ୍କା ଦେବାରୁ ବାଇକ୍ ଚାଳକ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ଧୂଷରି ଗାଁର ଦଣ୍ଡପାଣି ମାଝିଙ୍କ ମୃତ୍ୟୁ ଘଟିଛି। ଦଣ୍ଡପାଣି ବାଲିଗୁଡା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଇକିଆ ପୋଲିସ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ରାଇକିଆ ଥାନାରେ ନଂ.୮୪/୨୨ରେ ଏକ ମାମଲା ରୁଜୁ ହୋଇଛି । ସେହିପରି କ.ନୂଆଗାଁ ଥାନା ସବେଲି ଜଙ୍ଗଲ ନିକଟରେ କୌଣସି ଏକ ଗାଡ଼ି ଧକ୍କା ଦେବାରୁ ବାଇକ୍ ଚାଳକ ବାଲିଗୁଡା ବୁଡୁରୁକିଆର ଏଲିୟ ଦିଗାଲଙ୍କ ମୃତ୍ୟୁ ଘଟିଛି। ଏଲିୟ ବାଇକ୍ (ଓଡି ୧୨ଡି ୫୦୨୨)ରେ କୌଣସି କାମରେ ସାରଙ୍ଗଡ ଯାଇ ଫେରିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଉକ୍ତ ବାଟଦେଇ ଯାଉଥିବା ଲୋକେ ଆମ୍ବୁଲାନ୍ସ ଡାକି ତାଙ୍କୁ କ. ନୂଆଗାଁ ମେଡିକାଲ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ କ.ନୂଆଗାଁ ଥାନାରେ ଏକ ମାମଲା ରୁଜୁ କରାଯିବା ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କୁମର ମୁଦୁଲି କହିଛନ୍ତି।

# ଜବତ ଛାଲ, ହାଡ଼କୁ ପୋଡ଼ି ବାହାବା ନେଇଥିଲା ବନବିଭାଗ

**୨ ବାଘ ଶିକାର ଘଟଣା**
- ପରୀକ୍ଷଣ ନ କରିବାରୁ ଉଠିଲା ପ୍ରଶ୍ନ
- ସନ୍ଦେହରେ ଭାରପ୍ରାପ୍ତ ପୂର୍ବତନ ରେଞ୍ଜର

ନୟାଗଡ଼ ଅଫିସ,୧୦।୯

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ନୟାଗଡ଼ ଜିଲାର ଅସୁରକୁମାରୀ ଜଙ୍ଗଲରେ ୨୦୨୦ ଏପ୍ରିଲରେ ଘଟିଥିବା ୨ ବାଘ ଶିକାର ଘଟଣାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରଣପୁର ଥାନାରେ ତତ୍କାଳୀନ ଖୋର୍ଦ୍ଧା ବନଖଣ୍ଡର ଏସିଏଫ ରବୀନ୍ଦ୍ର ମହାପାତ୍ର, ରଣପୁର ରେଞ୍ଜର ଭାରପ୍ରାପ୍ତ ସହକାରୀ ରେଞ୍ଜର ଶରତ ଚନ୍ଦ୍ର ଶତପଥି, ଫରେଷ୍ଟ ଗାର୍ଡ ରୀତା ସାହୁ , ରଣପୁର ଫରେଷ୍ଟର କୈବଲ୍ୟ ବେହେରା, ମା ଅସୁରକୁମାରୀ ବନ ସୁରକ୍ଷା ସମିତିର ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡା, ବକ୍ରକୋଟ ଗାଁ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱଙ୍କ ନାମରେ ମାମଲା ରୁଜୁ ହୋଇଛି । ତେବେ ଜାତୀୟ ପ୍ରାଣୀ ବାଘକୁ ଶିକାର ପରେ ରଣପୁର ସହକାରୀ ରେଞ୍ଜର ନିଜର ଟିମ୍ ଦ୍ୱାରା ବାଘର ଚମଡା ଓ କିଛି ହାଡ ଜବତ କରିଥିଲେ । ଜବତ ହାଡ ଓ ଚମଡାକୁ ଅସୁରକୁମାରୀ ଜଙ୍ଗଲ ଠାରୁ ୪୦ କିମି ଦୂରରେ ପୋଡି ବନବିଭାଗ ବାହାବା ନେଇଥିଲା । ଜବତ ହାଡ ଓ ଚମଡାର ନମୁନାକୁ କେମିକାଲ ପରୀକ୍ଷଣ ପାଇଁ ଡେରାଡୁନଠାରେ ଥିବା ଭାରତୀୟ ବନ୍ୟ ପ୍ରାଣୀ ସଂସ୍ଥାନକୁ ପଠାଇ ଥିଲେ ବାଘ ବିଷୟରେ ସବିଶେଷ ତଥ୍ୟ ମିଳି ପାରିଥାନ୍ତା। ଯାହାକି ବନବିଭାଗକୁ ତଦନ୍ତରେ ଅଧିକ ସହଯୋଗ କରିଥାନ୍ତା। ଏଠି ପ୍ରଶ୍ନ ଉଠୁଛି ଜାତୀୟ ପ୍ରାଣୀ ବାଘର ମୃତଦେହକୁ ପୋଡିବା ପାଇଁ ତତ୍କାଳୀନ ରେଞ୍ଜରଙ୍କୁ କିଏ ଅନୁମତି ଦେଇଥିଲା । ଯଦି ସହକାରୀ ରେଞ୍ଜର ହାଡ ଓ ଚମଡା ପୋଡିଦେଲେ ଏସିଏଫ ଓ ଡିଏଫଓ କ'ଣ କରୁଥିଲେ । ସେମାନେ କ'ଣ ପଦକ୍ଷେପ ନେଇଛନ୍ତି। ଏପରି ଅନେକ ପ୍ରଶ୍ନ ଏବେ ଉଠୁଛି। ଏଭଳିସ୍ଥଳେ ବନବିଭାଗ ପରୀକ୍ଷଣ ପାଇଁ ନ ପଠାଇ ବାଘର ଚମଡା ଓ ହାଡ ପୋଡି ଦେବା ପରେ ସହକାରୀ ରେଞ୍ଜର, ଏସିଏଫ ଓ ଡିଏଫଙ୍କ ସମେତ ବନବଭାଗର ଅନେକ କର୍ମଚାରୀ ସନ୍ଦେହ ଘେରକୁ ଆସିଛନ୍ତି। ହେଲେ ସେମାନେ ଏଯାବତ ତଦନ୍ତ ପରିସର ଭୁକ୍ତ ହୋଇ ନାହାନ୍ତି । ଏନେଇ ପରିବେଶବିତ ଓ ସାମାଜିକ କର୍ମୀ ଦିଲ୍ଲୀପ କୁମାର ସାମନ୍ତରାୟ କୁହନ୍ତି ଅସୁରକୁମାରୀ ଜଙ୍ଗଲରେ ଶିକାର ପାଇଁ ଫାଶ ସବୁବେଳେ ପଡେ । ବାରହା, ଠେକୁଆ, ଗୁରାଣ୍ଡି, କୋଟରା ପାଇଁ ଫାଶ ବସେ । ତେବେ ମା ଓ ଛୁଆ ବାଘ ଫାଶରେ ପଡି ପ୍ରାଣ ହରାଇବା ପରେ ଶିକାରୀ ହଡବଡେଇ ଯାଇଥିଲେ। ପ୍ରମାଣ ନଷ୍ଟ କରିବାକୁ ପ୍ରଥମେ ମା ବାଘର ଛାଲ ନେଇ ଯାଇ ହାଡ ଓ ମାଂସକୁ ବିଭିନ୍ନ ଅଞ୍ଚଳକୁ ଫୋପାଡି ଥିଲେ। ତେବେ ଛୁଆଟିର ମୃତଦେ ଫେପାଡି ଚାଲି ଯାଇଥିଲେ । ଏହି ଘଟଣାରେ ଶୀକାରୀ ବର୍ତ୍ତମାନ ନିର୍ଭୟରେ ବୁଲୁଛି । ବନବିଭାଗ ଶିକାରୀକୁ ଶିକାର କରିବାକୁ ପ୍ରୋତ୍ସାହନ ଦେଉଛି । ଅନ୍ୟପକ୍ଷେ ଛୁଆ ବାଘର ହାଡ ଓ ଚମଡା ଜବତ କରି ପ୍ରମାଣ ନଷ୍ଟ ପାଇଁ ଅନ୍ୟତ୍ର ପୋଡି ଦେଇଛନ୍ତି । ଏଣୁ ରଣପୁର ଥାନା ପୋଲିସ ପ୍ରଥମେ ସହକାରୀ ରେଞ୍ଜର ଶରତ ଚନ୍ଦ୍ର ଶତପଥୀଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରୁ । ବାଘ ଶିକାର ପରେ ରଣପୁରର ସହକାରୀ ରେଞ୍ଜର ପଦୋନ୍ନତି ପାଇ ଖଣ୍ଡପଡା ରେଞ୍ଜର ହୋଇଛନ୍ତି । ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଶିବ ଶଙ୍କର ମହାନ୍ତି କୁହନ୍ତି, ଅସୁକୁମାରୀ ବାଘ ଶିକାର ଘଟଣା ହାଇକୋର୍ଟରେ ବିଚାର ହେବା ପରେ ଲୁଚି ଯାଇଥିବା ବାଘ ଶିକାର ଲୋକଲୋଚନକୁ ଆସିଛି। ବନବିଭାଗ ବାଘ ଶିକାର ଘଟଣାରେ ଅନେକ ମିଥ୍ୟା ଦସ୍ତାବିଜ ଦାଖଲ କରିବା ସହ ଘଟଣାକୁ ଚାପି ଦେବାକୁ ଚକ୍ରାନ୍ତ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ବନବିଭଗର ଅନେକ ଅଧିକାରୀ, କର୍ମଚାରୀ ଫସିବେ ବୋଲି କହିଛନ୍ତି।

